## ଉଗଡ଼ମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆପଣା ଗାଁ ମଶାଣି, ପର ଗାଁ ପାଣି ।**

ଜାତିଭାଇ ତଥା ଆତ୍ମୀୟ ପରିଜନଙ୍କ ଶବଦାହ କରାହୋଇଥିବା ହେତୁ ନିଜ ଗାଁ ମଶାଣି ପ୍ରତି ସଭିଙ୍କ ମନରେ ଏକ ଅଜଣା ଭୟ ସୃଷ୍ଟି ହୋଇଥାଏ । ସେହିପରି ପର ଗାଁ ନାଳ ପୋଖରୀର ଗଭୀରତା ପ୍ରତି ବ୍ୟକ୍ତି ସେତେଟା ପରିଚିତ ବା ଅଭ୍ୟସ୍ତ ହୋଇ ନ ଥାଏ । ଫଳସ୍ୱରୂପ ମନରେ ନାନା ଆଶଙ୍କା ବା ଭୟ ସୃଷ୍ଟି ହେବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ଆରେ ଲଣ୍ଡା, ମୋ ଭାତ ଖାଇ ମୋତେ ଖଣ୍ଡା ।**

ଯିଏ ଯାହାକୁ ପାଳିପୋଷି ମଣିଷ କରିଥାଏ ତା'ପ୍ରତି ମନରେ ଏକପ୍ରକାର ଦରଦଭାବ ରହିଥାଏ । ଏପରିକ୍ଷେତ୍ରେ ସାହାଯ୍ୟ ପ୍ରଦାନକାରୀ ବ୍ୟକ୍ତିଙ୍କ ପ୍ରତି ସେଭଳି ମାନି ପ୍ରଦର୍ଶନ କରିବା ଉଚିତ ହୋଇ ନ ଥାଏ । ପାଳିପୋଷି ମଣିଷ କରିଥିବା ବ୍ୟକ୍ତିଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବା ସମାଜ ଆଖିରେ ଗ୍ରହଣୀୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ନିର୍ବାଚନ ବେଳର ପ୍ରତିଶ୍ରୁତିକୁ ନେଇ ଜୋର୍ ଧରିଲା ବିଜେଡି-ଭାଜପା ରାଜନୀତି

**ଭୁବନେଶ୍ୱର, ୧୯।୨(ବ୍ୟୁରୋ)**

■ ପଦ୍ମପୁରକୁ ଜିଲା ମାନ୍ୟତା ଏବେ ବି ଘୋଷଣାରେ ସୀମିତ: ଧର୍ମେନ୍ଦ୍ର
■ ସ୍ମୃତି ସତେଜ ଲାଗି ନୃସିଂହନାଥଙ୍କ ନିକଟରେ ପ୍ରାର୍ଥନା କରୁଛି: ସସ୍ମିତ
■ ଉପନିର୍ବାଚନ ଆସିଲେ ମୁଖ୍ୟମନ୍ତ୍ରୀ ନିର୍ବାଚନ ଦାୟିତ୍ୱ ତାଙ୍କର ବୋଲି କୁହନ୍ତି: ସୂର୍ଯ୍ୟବଂଶୀ

ମୁଖ୍ୟମନ୍ତ୍ରୀଙ୍କ ପଦ୍ମପୁରକୁ ଜିଲା କରିବାର ପ୍ରତିଶ୍ରୁତି ଏବେ ବି ଘୋଷଣାରେ ସୀମିତ। ଜିଲା ଘୋଷଣା କରିବାର ନିର୍ଦ୍ଧାରିତ ତାରିଖ ନ କହିବା ପଦମ୍ପୁରବାସୀଙ୍କ ପାଇଁ ପ୍ରତାରଣା ସଦୃଶ ନୁହେଁ କି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଦମ୍ପୁର ଗସ୍ତରେ ଯାଇ ନାଁ ନେଇ କେନ୍ଦ୍ରମନ୍ତ୍ରୀମାନଙ୍କୁ ଟାର୍ଗେଟ କରିଥିଲେ। ଧର୍ମେନ୍ଦ୍ର ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି, ରବିବାର ପଦମ୍ପୁରଠାରେ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଦେଉଥିବା ମନ୍ତବ୍ୟ ଶୁଣିଛନ୍ତି। ତାଙ୍କ ମନ୍ତବ୍ୟରୁ ସ୍ପଷ୍ଟ ଜଣାପଡୁଛି, ସେ ନିଜ ମନ କଥା ନ କହି କାହାରି ହାତ ଲେଖା ପଢୁଛନ୍ତି। ଦୀର୍ଘ ୨୩ ବର୍ଷର ଶାସନ ଦାୟିତ୍ୱରେ ରହିବା ପରେ ପଦମ୍ପୁରର ପାଇକମାଲରେ ଥିବା ଗୋଟେ ପିଏଚ୍‌ସିକୁ ସିଏଚ୍‌ସିରେ ପରିଣତ କରିବ ଯାହା କହେ ତାହା କରେ ବୋଲି କହିବା କେତେ ଦୂର ଠିକ୍। ଏଥିରୁ ରାଜ୍ୟରେ ବିକାଶର ଚିତ୍ର ସ୍ପଷ୍ଟ ଅନୁମେୟ। ମୁଖ୍ୟମନ୍ତ୍ରୀ ବରଗଡ ଜିଲାରେ ୨ଟି ନିର୍ବାଚନମଣ୍ଡଳୀର ଦାୟିତ୍ୱ ନେଲା ପରେ ବି ବରଗଡ ଜିଲାରୁ ବହୁ ଯୁବତୀ, ଯୁବକ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି। ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଓଡ଼ିଶା ରେଲ୍ ଇନ୍‌ଫ୍ରାଷ୍ଟ୍ରକଚର ଡେଭେଲପମେଣ୍ଟ ଲିମିଟେଡ ବରଗଡ ରୋଡ-ନୂଆପଡା ରେଳ ଲାଇନର ଦାୟିତ୍ୱ ଠିକ ଭାବେ ନିର୍ବାହ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏହାର ସମୀକ୍ଷା କରନ୍ତୁ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଫସଲ ବୀମାରେ ଘରୋଇ କମ୍ପାନୀଙ୍କୁ ଆପଣ ସାମିଲ କରିଥିଲେ କି ନାହିଁ। ବରଗଡ ସୋହେଲାରେ ଚାଷୀଙ୍କ ପାଇଁ ଘୋଷଣା କରିଥିବା ୧୦୦ ଟଙ୍କା ବୋନସ ରାଜ୍ୟ ସରକାର ଦେଇଛନ୍ତି କି ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀ ବରଗଡରେ ଜଳସେଚନ ପାଇଁ ଦେଇଥିବା ପ୍ରତିଶ୍ରୁତି କେବେ ପୂରଣ କରିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହଜାରେ କୋଟି ଟଙ୍କାରୁ ଅଧିକ ଦୁର୍ନୀତିରେ ଓଡ଼ିଶା ସରକାରଙ୍କ ସମ୍ପୃକ୍ତି ଅଛି କି ନାହିଁ ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି। ଧର୍ମେନ୍ଦ୍ରଙ୍କ ଟୁଇଟ୍ ଉପରେ ପ୍ରତିକ୍ରିୟା ରଖି ବିଜେଡି ରାଷ୍ଟ୍ରୀୟ ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି, ଧର୍ମେନ୍ଦ୍ର ଭାଇ, ଓଡ଼ିଶା ପାଇଁ ସ୍ୱତନ୍ତ୍ର ବର୍ଗ ପାହ୍ୟା ଏବେ କେଉଁଠାରେ ଅଛି। ୨୦୧୪ ଏପ୍ରିଲ ୫ରେ ଏହାକୁ ଆପଣ ନିଜ ଦଳର ନିର୍ବାଚନୀ ଇସ୍ତାହାରରେ ଉଲ୍ଲେଖ କରିଥିଲେ । ନିର୍ବାଚନ ପୂର୍ବରୁ ଆପଣ ପ୍ରତିଶ୍ରୁତି ଦେଇ ପରେ ଏହା ଭୁଲିଗଲେ । ପଦମ୍ପୁର ଉପନିର୍ବାଚନ ପୂର୍ବରୁ ଆପଣ କେନ୍ଦୁପତ୍ର ଉପରୁ ଜିଏସ୍‌ଟି ପ୍ରତ୍ୟାହାର କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ନିର୍ବାଚନ ପରେ ଆପଣ ଭୁଲିଗଲେ। ଆପଣଙ୍କ ସ୍ମୃତିକୁ ସତେଜ କରିବା ପାଇଁ ବରଗଡରେ ପ୍ରଭୁ ନୃସିଂହନାଥଙ୍କ ନିକଟରେ ପ୍ରାର୍ଥନା କରିଥିବା ସସ୍ମିତ କହିଛନ୍ତି। ସସ୍ମିତଙ୍କ ପ୍ରତିକ୍ରିୟାର ଜବାବରେ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, ମୁଖ୍ୟମନ୍ତ୍ରୀ ଯେଉଁଠି ଉପନିର୍ବାଚନ ହୁଏ ସେଠାର ଦାୟିତ୍ୱ ସେ ନେଉଛନ୍ତି ବୋଲି କୁହନ୍ତି, ଧାମନଗରରେ ମଧ୍ୟ ସେମିତି କହିଥିଲେ। ସେହି ଦାୟିତ୍ୱର ସ୍ଥିତି ଏବେ କ'ଣ ବୋଲି ସୂର୍ଯ୍ୟବଂଶୀ ପ୍ରଶ୍ନ କରିଛନ୍ତି।

# 'ଅନୁଦାନ ନ ଦେଲେ ରାସ୍ତାକୁ ଓହ୍ଲାଇବୁ'

**ଖୋର୍ଦ୍ଧା ଅଫିସ, ୧୯।୨**

**ବେସରକାରୀ ଅନୁଦାନ ଓ ଅଣଅନୁଦାନପ୍ରାପ୍ତ କଲେଜ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ**

ବେସରକାରୀ ଅନୁଦାନ ଏବଂ ଅଣଅନୁଦାନପ୍ରାପ୍ତ କଲେଜ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ରବିବାର ଖୋର୍ଦ୍ଧାଠାରେ ଅନୁଷ୍ଠିତ ହୋଇଯାଇଛି। ତୁରନ୍ତ ସରକାର ଅନୁଦାନ ନ ଦେଲେ ରାସ୍ତାକୁ ଓହ୍ଲାଇବେ ବୋଲି ସଂଘର କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି। କର୍ମକର୍ତ୍ତାମାନେ କହିଛନ୍ତି, ୨୦୦୮ରୁ ୨୦୧୩ ମସିହା ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିୟୋଜିତ କର୍ମଚାରୀ, ଅଧ୍ୟାପିକା ଅଧ୍ୟାପକମାନେ ସ୍ୱଳ୍ପ ବେତନରେ କାମ କରିଆସୁଛନ୍ତି। ସେମାନେ ୧୫ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ଚାକିରି କରିଥିଲେ ମଧ୍ୟ ସରକାର ଏପର୍ଯ୍ୟନ୍ତ ପୂର୍ଣ୍ଣ ଅନୁଦାନ ବାବଦରେ କୌଣସି ନିଷ୍ପତ୍ତି ନେଇନାହାନ୍ତି। ଜଣେ ଅଧ୍ୟାପକ ୮୦ ହଜାରରୁ ୧.୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାସିକ ବେତନ ପାଉଥିବାବେଳେ କେତେଜଣ ଅଧ୍ୟାପକ ସ୍ୱଳ୍ପ ବେତନରେ କାମ କରୁଛନ୍ତି। ଅଧ୍ୟାପିକା, ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀମାନେ କଲେଜ ପରୀକ୍ଷା, ଖାତା ମୂଲ୍ୟାଙ୍କନଠାରୁ ଆରମ୍ଭ କରି ସରକାରଙ୍କ ନିର୍ବାଚନ ଓ ଜନଗଣନା ପ୍ରଭୃତି କାର୍ଯ୍ୟରେ ସହଯୋଗ କରୁଛନ୍ତି। ଏହାସତ୍ତ୍ୱେ ଏମାନଙ୍କୁ ଅଣଦେଖା କରାଯାଉଛି। ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ରିପୋର୍ଟ ମଗାଯାଇଛି। ରିପୋର୍ଟକୁ ତର୍ଜମା କରାଯାଇ ପଦକ୍ଷେପ ନିଆଯିବ ବୋଲି ସରକାର ପ୍ରତିଶ୍ରୁତି ଦେଇ ଦିନ ଗଡ଼ାଇ ଚାଲିଛନ୍ତି। ସରକାର ତ୍ୱରିତ ପଦକ୍ଷେପ ନ ନେଲେ ସଂଘ ଆନ୍ଦୋଳନ ପାଇଁ ରାସ୍ତାକୁ ଓହ୍ଲାଇବ ବୋଲି ସ୍ଥିର କରିଛି। ସଭାପତି ଡ. ଦେବ ବିଜୟ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ରାଜ୍ୟର ସମସ୍ତ ଜିଲାରୁ ପ୍ରାୟ ୨୦୦ ଅଧ୍ୟାପିକା, ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀ ଯୋଗଦେଇଥିଲେ। ସମ୍ପାଦକ ଅଭୟ କୁମାର ପ୍ରଧାନ, ଉପସଭାପତି ରବିନାରାୟଣ କରଣ, ଯୁଗ୍ମସମ୍ପାଦକ ଡ. କମଳାକାନ୍ତ ଲେଙ୍କା, କୋଷାଧ୍ୟକ୍ଷ ଦିବ୍ୟକାନ୍ତ ତ୍ରିପାଠୀ, ସଂଯୋଜକ ବିମଳ ଚନ୍ଦ୍ର ନନ୍ଦୀ ପ୍ରମୁଖ ଉପସ୍ଥିତ ଥିଲେ।

# ପୁରୁବାଈ କନ୍ୟାଶ୍ରମରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

## ଅନ୍ତେବାସୀଙ୍କ ମୃତ୍ୟୁ ଘଟଣା

■ ଆଇସିୟୁରେ ୨ ଭର୍ତ୍ତି
■ ପରୀକ୍ଷା ଲାଗି ପଠାଗଲା ରକ୍ତନମୁନା

**ସୋର, ୧୯।୨(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ସୋର ମ୍ୟୁନିସିପାଲିଟି ଅଧୀନ ପୁରୁବାଈ କନ୍ୟାଶ୍ରମରେ ଅଜଣା ରୋଗରେ ଜଣେ ଅନ୍ତେବାସୀଙ୍କ ମୃତ୍ୟୁ ହେବା ପରେ ସ୍ୱାସ୍ଥ୍ୟବିଭାଗ ତତ୍ପରତା ପ୍ରକାଶ କରିଛି। ରବିବାର ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ନିରଞ୍ଜନ ମିଶ୍ର, ସିଡବ୍ଲ୍ୟୁସି ସଦସ୍ୟା ଗୌରୀରାଣୀ ଉପାଧ୍ୟାୟଙ୍କ ସହ ବିଭାଗୀୟ ଅଧିକାରୀ କନ୍ୟାଶ୍ରମ ଓ ଡାକ୍ତରଖାନା ପରିଦର୍ଶନ କରି ଘଟଣାର ତଦନ୍ତ ସହ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଏଥିସହ ସମସ୍ତ ଅନ୍ତେବାସିନୀଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ କଟକ ଏସ୍‌ସିବିକୁ ପଠାଯାଇଛି। ଜ୍ୱରରେ ପୀଡିତ ଆଶ୍ରମର ଅନ୍ୟ ଅନ୍ତେବାସିନୀଙ୍କ ସହ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା କନ୍ୟାଶ୍ରମ ପରିଚାଳିକା ସୁମତି ମହାନ୍ତି କହିଛନ୍ତି। ଗତ ୧୭ତାରିଖରେ ଅଜଣା ଜ୍ୱରରେ ଆକ୍ରାନ୍ତ ଥିବା ୩ଜଣଙ୍କୁ ସଂକଟାପନ୍ନ ଅବସ୍ଥାରେ ପ୍ରଥମେ ସୋର ଡାକ୍ତରଖାନା ଓ ପରେ ବାଲେଶ୍ୱରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଜଣେ ଅନ୍ତେବାସିନୀଙ୍କ ମୃତ୍ୟୁ ହୋଇଥିଲା। ଏବେ ୨ଜଣ ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି। ଶନିବାର ଅପରାହ୍ଣରେ ଆଉ ୨୪ଜଣଙ୍କୁ ଅସୁସ୍ଥ ଅବସ୍ଥାରେ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ସେମାନଙ୍କ ଚିକିତ୍ସା କରୁଛନ୍ତି। ଏବେ ସମସ୍ତ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା ଡାକ୍ତରଖାନା ଅଧୀକ୍ଷକ ଡ. ସତ୍ୟନାରାୟଣ ନାୟକ କହିଛନ୍ତି।



ସୋର ଡାକ୍ତରଖାନାରେ ସ୍ୱାସ୍ଥ୍ୟ ଅଧିକାରୀ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରୁଛନ୍ତି।



ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଥିବା ଅଭିଯୋଗ ଆଣିବା ସହ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରି ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ରବିବାର ଭୁବନେଶ୍ୱର ବରମୁଣ୍ଡାଠାରେ ବିକ୍ଷୋଭ ପ୍ରଦର୍ଶନ ସହ ତାଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

## ପ୍ରଥମ ପୃଷ୍ଠାରୁ...

### ବର୍ଷକ ଭିତରେ ପଦ୍ମପୁରକୁ ..

ଅପରାହ୍ଣ ୩ଟା ୪୫ରେ ପଦ୍ମପୁର ହାଇସ୍କୁଲ ପଡ଼ିଆରେ ଆୟୋଜିତ ସଭାରେ ସେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ପଦ୍ମପୁରକୁ ସ୍ୱତନ୍ତ୍ର ଜିଲା କରିବା ପାଇଁ ଆବଶ୍ୟକ ପ୍ରକ୍ରିୟା ଆରମ୍ଭ ହୋଇଛି। ବର୍ଷକ ଭିତରେ ଜିଲା ମାନ୍ୟତା ମିଳିବ ବୋଲି ସେ କହିଛନ୍ତି। ଆଗାମୀ ଦିନରେ ପଦ୍ମପୁର ଅଞ୍ଚଳର ବିକାଶ ହେବା ସହିତ ଆହୁରି ଅନେକ ପ୍ରକଳ୍ପ ହେବ ଏବଂ ସବୁ କାମ ସମୟ ଭିତରେ ଶେଷ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମିଶନ ଶକ୍ତି ଗୋଷ୍ଠୀଙ୍କୁ ଚେକ୍ ପ୍ରଦାନ କରିଛନ୍ତି। ପରେ ସେ ୩୧ କୋଟି ଟଙ୍କା ବ୍ୟୟରେ ୭୨୨ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ଦେବା ସହିତ ୪ କୋଟି ୪୯ ଲକ୍ଷ ଟଙ୍କାର ୧୬ ପ୍ରକଳ୍ପକୁ ଉଦ୍‌ଘାଟନ କରିଛନ୍ତି। ସଭା ପରେ ମୁଖ୍ୟମନ୍ତ୍ରୀ ଅପରାହ୍ଣ ସାଢେ ୪ରେ ସତୀଭଟା ବିମାନ ଅବତରଣ କେନ୍ଦ୍ରକୁ ଯାଇ ସେଠାରୁ ଭୁବନେଶ୍ୱର ଫେରିଯାଇଛନ୍ତି। ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ନିରଞ୍ଜନ ପୂଜାରୀ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରତାପ ଦେବ, ରୀତା ସାହୁ, ଟୁକୁନି ସାହୁ, ବିଧାୟକ ଦେବୀ ପ୍ରସାଦ ମିଶ୍ର, ଦେବେଶ ଆଚାର୍ଯ୍ୟ, ସୁଶାନ୍ତ ସିଂ, ବିଧାୟିକା ବର୍ଷା ସିଂ ବରିହା, ସ୍ନେହାଙ୍ଗିନୀ ଛୁରିଆ, ପଣ୍ୟାଗାର ନିଗମ ଅଧ୍ୟକ୍ଷ ମହେନ୍ଦ୍ର ବଢେଇ ପ୍ରମୁଖ ବିଭିନ୍ନ ସଭାରେ ଉଦ୍‌ବୋଧନ ଦେଇଛନ୍ତି। ସମସ୍ତ କାର୍ଯ୍ୟକ୍ରମରେ ୫-ଟି ସଚିବ ଭି. କେ. ପାଣ୍ଡିଆନ, ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ପ୍ରମୁଖ ଉପସ୍ଥିତ ଥିଲେ।

### ଝାରସୁଗୁଡା ଉପନିର୍ବାଚନକୁ ନଜର କରି ପଦ୍ମପୁର ଗସ୍ତ

ସମ୍ବଲପୁର, ୧୯।୨(ବ୍ୟୁରୋ): ଆଗକୁ ଝାରସୁଗୁଡା ଉପନିର୍ବାଚନ ହେବ। ଉପନିର୍ବାଚନ ହାତେଇବାକୁ ସବୁବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନଜର ରଖନ୍ତି। ପଦ୍ମପୁର ଉପନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ପାଳନ କରାଗଲା ଭଳି କାର୍ଯ୍ୟକ୍ରମ ନ କଲେ ଉପନିର୍ବାଚନରେ ଜନତାଙ୍କ ପାଖକୁ ଯାଇପାରିବେନାହିଁ। ତେଣୁ ଏହି ଲକ୍ଷ୍ୟ ନେଇ ମୁଖ୍ୟମନ୍ତ୍ରୀ ପଦ୍ମପୁର ଗସ୍ତ କରିଥିଲେ। କାଗଜପତ୍ରରେ ଜିଲା ଘୋଷଣା କରିବା ସମୟକୁ ସେଠାରେ ପୁଣି ବୃଦ୍ଧି କଲେ। ତାଙ୍କର ଜଳସେଚନ, ରୋଜଗାର ସୃଷ୍ଟି କରିବା ଭଳି କୌଣସି ଲକ୍ଷ୍ୟ ନାହିଁ। ପାଇକମାଳ ପିଏସ୍‌ସିରୁ ସିଏଚ୍‌ସି କେବଳ ମେଡିକାଲର ନାମକରଣ ବଦଳିଗଲା। ହେଲେ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ ଅନ୍ୟ କର୍ମଚାରୀ ପଦ ଖାଲିପଡିଛି। କେବଳ ପଦ୍ମପୁର ନୁହେଁ ପଶ୍ଚିମ ଓଡିଶାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହାର ଉଦାହରଣ ରହିଛି। ଚାଷୀଙ୍କ ପାଇଁ ୨ ଶହ କୋଟି ଇନପୁଟ ସବ୍‌ସିଡି ଦେବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଆଜି ପର୍ଯ୍ୟନ୍ତ ଚାଷୀମାନେ ଟଙ୍କାଟିଏ ପାଇଲେ ନାହିଁ। ପଦ୍ମପୁରକୁ ରେଳ ସଂଯୋଗର ଆବଶ୍ୟକତା ରହିଛି। ରାଜ୍ୟ ସରକାର ଜମି ଅଧିଗ୍ରହଣ କରି କେନ୍ଦ୍ର ରେଳ ବିଭାଗକୁ ହସ୍ତାନ୍ତର କରିବା ଦାୟିତ୍ୱ ନିର୍ବାହ କରିନାହାନ୍ତି। କେନ୍ଦ୍ର ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ଭଳି ଅନେକ ଯୋଜନା ରହିଛି, ଯେଉଁଥିରେ ନିଯୁକ୍ତି ସୃଷ୍ଟି ହେବ। ହେଲେ ସେଥିରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିବାରୁ ମୁଖ୍ୟମନ୍ତ୍ରୀ ପଦ୍ମପୁର ଆସିନାହାନ୍ତି ବରଂ ଉପନିର୍ବାଚନ ଲକ୍ଷ୍ୟ ଓ ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଚେଷ୍ଟା କରିଛନ୍ତି।

### ମୁଖ୍ୟମନ୍ତ୍ରୀ ପଦ୍ମପୁରବାସୀଙ୍କୁ ଧୋକାଦେଲେ

ପଦ୍ମପୁର, ୧୯।୨(ଡି.ଏନ.ଏ.): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପଦ୍ମପୁର ଗସ୍ତ ଉପରେ ପ୍ରତିକ୍ରିୟା ରଖିଛନ୍ତି ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ। ମୁଖ୍ୟମନ୍ତ୍ରୀ ପଦ୍ମପୁରବାସୀଙ୍କୁ ଧୋକା ଦେଇଛନ୍ତି ବୋଲି ସେ କହିଛନ୍ତି। ପୁରୋହିତ କହିଛନ୍ତି, ପଦ୍ମପୁର ଉପନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମାଧ୍ୟମରେ ପଦ୍ମପୁର ନିର୍ବାଚନମଣ୍ଡଳୀ ପାଇଁ ୮୦୦ କୋଟି ଟଙ୍କା ଘୋଷଣା କରିଥିଲେ। ତେବେ ପଦ୍ମପୁର ଗସ୍ତ ବେଳେ ସେ ୨୦୦ କୋଟି ଇନ୍‌ପୁଟ୍ ସବ୍‌ସିଡି, କେନ୍ଦୁପତ୍ର ତୋଳାଳିଙ୍କ ବୋନସ, ରେଲୱେ ଲାଇନ ପାଇଁ ଜମି ଅଧିଗ୍ରହଣ, ଏପରିକି ପଦ୍ମପୁର ଜିଲା ଘୋଷଣା କଲେ ନାହିଁ ବୋଲି ପୁରୋହିତ କହିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ସଭା ପଡିଆରେ ଟେଣ୍ଟ୍ କର୍ମଚାରୀଙ୍କ ମୃତ୍ୟୁ

ଝାରବନ୍ଧ, ୧୯।୨(ଡି.ଏନ.ଏ.): ବରଗଡ ଜିଲା ଝାରବନ୍ଧ ଶକ୍ତି ପଡିଆରେ ମୁଖ୍ୟମନ୍ତ୍ରୀଙ୍କ ସଭା ଚାଲିଥିବା ବେଳେ ଜଣେ ଟେଣ୍ଟ୍ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ତେଲେଙ୍ଗାବଜାର କଟକର ରବୀନ୍ଦ୍ର ପାଲ (୬୦)। ମୃତଦେହ ବ୍ୟବଚ୍ଛେଦ ପାଇଁ ବରଗଡ ପଠାଯାଇଛି। ସୂଚନା ଅନୁସାରେ, ରବିବାର ପୂର୍ବାହ୍ଣ ସାଢେ ୧୧ଟାରେ ଶକ୍ତି ପଡିଆରେ ମୁଖ୍ୟମନ୍ତ୍ରୀଙ୍କ ସଭାସ୍ଥଳରୁ ୨୦୦ ମିଟର ଦୂରରେ ଜଣେ ଲୋକ ଅଚେତ ଅବସ୍ଥାରେ ପଡ଼ିଥିବା ପୋଲିସ ଦେଖିବାକୁ ପାଇଥିଲା। ଝାରବନ୍ଧ ଥାନାଧିକାରୀ ଦିଲୀପ କୁମାର ବେହେରା ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବୀନ୍ଦ୍ର ଟେଣ୍ଟ କାମ ପାଇଁ ଝାରବନ୍ଧ ଆସିଥିଲେ। ତାଙ୍କ ପରିବାର ଲୋକେ ଆସିବା ପରେ ମୃତଦେହ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ବେହେରା ସୂଚନା ଦେଇଛନ୍ତି ।

### ଧନୁତୀର ପାଇଁ ୨,୦୦୦ ...

୮ ମାସ ଧରି ଟଣାଓଟରା ଚାଲିଥିବାବେଳେ ଶୁକ୍ରବାର ନିର୍ବାଚନ କମିଶନ (ଇସି) ଏ ସଂକ୍ରାନ୍ତ ରାୟ ପ୍ରକାଶ କରିଥିଲେ। କମିଶନ ନିଜ ୭୮ ପୃଷ୍ଠା ସମ୍ବଳିତ ରାୟରେ ମୁଖ୍ୟମନ୍ତ୍ରୀ ଶିନ୍ଦେଙ୍କ ନେତୃତ୍ୱାଧୀନ ଗୋଷ୍ଠୀକୁ ଅସଲ 'ଶିବସେନା' ଭାବେ ଅଭିହିତ କରି 'ଧନୁତୀର' ଚିହ୍ନ ପ୍ରଦାନ କରିଛନ୍ତି। ଫଳରେ ନିଜ ସ୍ୱର୍ଗୀୟ ପିତା ବାଲାସାହେବ ଠାକ୍‌ରେଙ୍କ ଦ୍ୱାରା ୧୯୬୬ରେ ପ୍ରତିଷ୍ଠିତ ହିନ୍ଦୁତ୍ୱବାଦୀ ରାଜନୈତିକ ଦଳ ଶିବସେନାରୁ ଉଦ୍ଧବ ନିୟନ୍ତ୍ରଣ ହରାଇଛନ୍ତି। ଇସିଙ୍କ ମଞ୍ଜୁରୀ ପରେ ଶିନ୍ଦେ ଗୋଷ୍ଠୀ ଉଲ୍ଲସିତ ହୋଇ ଉଠିଥିବାବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଏହାକୁ 'ଗଣତନ୍ତ୍ରର ହତ୍ୟା' ବୋଲି ସମାଲୋଚନା କରିଛନ୍ତି। ଏଥିସହ ଇସିଙ୍କ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ଇତିମଧ୍ୟରେ ଉଦ୍ଧବଙ୍କ ଘନିଷ୍ଠ ଏମ୍‌ପି ସଞ୍ଜୟ ରାଉତ୍ ଟୁଇଟ୍ କରିଛନ୍ତି, ଶିବସେନା ନାମ ଓ ଏହାର ନିର୍ବାଚନୀ ସଙ୍କେତକୁ ୨,୦୦୦ କୋଟି ଟଙ୍କାରେ କିଣି ନିଆଯାଇଛି। ଗତ ୬ ମାସ ମଧ୍ୟରେ ଏହି କାରବାର ହୋଇଛି। ଉଦ୍ଧବଙ୍କ ନେତୃତ୍ୱାଧୀନ ସରକାରର ପତନ ଘଟାଇବା ଲାଗି ଦଳବଦଳ କରିଥିବା ୪୦ ବିଦ୍ରୋହୀ ବିଧାୟକଙ୍କୁ ୫୦ କୋଟି ଟଙ୍କା ଲେଖାଏ ଦିଆଯାଇଛି। ଭାରତର ରାଜନୈତିକ ଇତିହାସରେ ଏହା ପ୍ରଥମ ଘଟଣା। ଉଦ୍ଧବ ଗୋଷ୍ଠୀ ହିଁ ପ୍ରକୃତ ଶିବସେନା। ଅର୍ଦ୍ଧନ୍ୟାୟିକ କ୍ଷମତାସମ୍ପନ୍ନ ଏକ ସାମ୍ବିଧାନିକ ସଂସ୍ଥା ନିରପେକ୍ଷ ହେବା ସହ କାହା ଦ୍ୱାରା ପ୍ରଭାବିତ ନୁହେଁ ବୋଲି ପ୍ରତୀୟମାନ ହେବା ଉଚିତ। କିନ୍ତୁ ଦୁର୍ଭାଗ୍ୟବଶତଃ ଇସିଙ୍କ ରାୟ ଭରସାଯୋଗ୍ୟ ନୁହେଁ। ଭାଜପାର ନୈତିକତା ନାହିଁ। ଏହି ଦଳ ୨,୦୦୦ କୋଟି ଟଙ୍କା ନିବେଶ ଭଳି କୌଣସି ସ୍ତରକୁ ଯାଇପାରେ ବୋଲି ସଞ୍ଜୟ କେନ୍ଦ୍ର ସରକାର, ନିର୍ବାଚନ କମିଶନ ଓ ଶିନ୍ଦେଙ୍କୁ ଟାର୍ଗେଟ କରିଛନ୍ତି। ସେ ଶାସକ ଦଳ ସହ ଜଡ଼ିତ ଜଣେ ବିଲ୍ଡରଙ୍କଠାରୁ ଏହି ତଥ୍ୟ ହାସଲ କରିଛନ୍ତି ଏବଂ ଏହାର ପ୍ରମାଣ ଖୁବ୍‌ଶୀଘ୍ର ସାମ୍ନାକୁ ଆଣିବେ ବୋଲି କହିଛନ୍ତି। ଅନ୍ୟପକ୍ଷେ ଭାଜପା ନେତା ସୁଧୀର ମୁନ୍‌ଗଣ୍ଟିୱାର କହିଛନ୍ତି, ସୁପ୍ରିମକୋର୍ଟ ଏବଂ ଭାରତର ନିର୍ବାଚନ କମିଶନ ଭଳି ନିରପେକ୍ଷ ସଂସ୍ଥାଗୁଡ଼ିକର ଭାବମୂର୍ତ୍ତି ମଳିନ କରିବା ପାଇଁ ସଞ୍ଜୟ ଏପରି ମନ୍ତବ୍ୟ ଦେଇଛନ୍ତି। ଗଣତନ୍ତ୍ରକୁ ଅସମ୍ମାନ କରିଥିବାରୁ ସେମାନଙ୍କୁ ଲୋକେ ଉଚିତ ଶିକ୍ଷା ଦେବେ। ଶିନ୍ଦେ ଶିବିରର ବିଧାୟକ ସଦା ସାବରକର ସଞ୍ଜୟ ରାଉତ୍ ଜଣେ କ୍ୟାଶିୟର୍ କି ବୋଲି ପ୍ରଶ୍ନ କରିଛନ୍ତି। ସେପଟେ ଦଳର ନାମ ଓ ଚିହ୍ନ ଯିବା ପରେ ମଧ୍ୟ ଉଦ୍ଧବ ଗୋଷ୍ଠୀକୁ କିଛି ଫରକ ପଡ଼ିବ ନାହିଁ ବୋଲି ଶୁକ୍ରବାର କହିଥିବା ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର ଏବେ ଏହି ବିବାଦରେ ସେ ପଡ଼ିବାକୁ ଚାହୁଁ ନ ଥିବା ପ୍ରକାଶ କରିଛନ୍ତି।

### ବାହାଘରରେ ଟଙ୍କା ...

ଲୋକଙ୍କ ମଧ୍ୟରେ ସଂଘର୍ଷ ଦେଖିବାକୁ ମିଳିଥିଲା। କରିମ ଟଙ୍କା ଫିଙ୍ଗିଥିବାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ବହୁ ୟୁଜର୍ସ ଭିଡିଓକୁ ନେଇ କରିମଙ୍କୁ ସମାଲୋଚନା କରିଥିବାବେଳେ ଅନେକେ ତାଙ୍କୁ ଉପହାସ କରିଛନ୍ତି। ଗତବର୍ଷ ବେଙ୍ଗାଲୁରୁରେ ସମାନ ଘଟଣା ଦେଖିବାକୁ ମିଳିଥିଲା। ସ୍ଥାନୀୟ ମାର୍କେଟ୍‌ର ଫ୍ଲାଏଓଭର୍‌ରେ ଛିଡ଼ା ହୋଇ ଜଣେ ବ୍ୟକ୍ତି ଟଙ୍କା ଫିଙ୍ଗିଥିଲେ, ଯାହାର ଭିଡିଓ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହୋଇଥିଲା। ବ୍ୟକ୍ତିଜଣକ କୋଟ୍, ପ୍ୟାଣ୍ଟ ପିନ୍ଧି ଏକ କାନ୍ଥଘଣ୍ଟାକୁ ନିଜ ବେକରେ ଝୁଲାଇଥିଲେ। ପାଖାପାଖି ୩୦୦୦ ଟଙ୍କାର ୧୦ ଟଙ୍କିଆ ନୋଟ୍ ସେ ଫ୍ଲାଏଓଭର୍ ତଳେ ଯାଉଥିବା ଲୋକଙ୍କ ଉପରକୁ ଫୋପାଡ଼ିଥିବାବେଳେ ଲୋକେ ଏହାକୁ ଗୋଟାଇବା ଆରମ୍ଭ କରିବା ଯୋଗୁ ଟ୍ରାଫିକ୍ ଜାମ୍ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ପୋଲିସ ଘଟଣାସ୍ଥଳରେ ଗହଳି ଭାଙ୍ଗିବା ସହ ଉକ୍ତ ବ୍ୟକ୍ତିଙ୍କୁ ଥାନାକୁ ନେଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି ପାରିବାରିକ କ୍ଷେତ୍ରରେ ମତାନ୍ତର ଥାଇ ମଧ୍ୟ କାମବେଳକୁ ସମସ୍ତେ ଏକ ମନ ନେଇ କାମ କରିପାରିବେ। ସାମାଜିକ ସ୍ତରରେ ସ୍ୱାର୍ଥସାଧନ ଆଶା ରଖି ମିତ୍ରମାନେ ପ୍ରଶଂସା ଗାଇ ବୁଲିବେ। କର୍ମକ୍ଷେତ୍ରରେ ସହମତିରେ କାର୍ଯ୍ୟକଲେ ସଫଳତା ପାଇବେ। ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି।

**ବୃଷ** — କାମ ହାସଲ କ୍ଷେତ୍ରରେ ଆତ୍ମୀୟବ୍ୟକ୍ତି ଜଣେ ଅସହଯୋଗ କରିପାରନ୍ତି। ବିଭିନ୍ନ ପ୍ରକାର ଅହେତୁକ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ବାଣିଜ୍ୟରେ କ୍ଷତିର ଆଶଙ୍କା ରହିଛି କିନ୍ତୁ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**ମିଥୁନ** — ଦେହ ଭଲ ରହିଲେ ମଧ୍ୟ ସାମୟିକ ପୁରୁଣା ରୋଗରେ କଷ୍ଟ ପାଇବେ। ନିଜ ପରିସରରେ ତର୍କ ବିତର୍କ କାରଣରୁ ସମ୍ପର୍କ ହାନି ଘଟିପାରେ। ଆନୁଷ୍ଠାନିକ କାମରେ ରାଜନୈତିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ବ୍ୟବସାୟ,ବାଣିଜ୍ୟ କ୍ଷେତ୍ରରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ।

**କର୍କଟ** — ଶାରୀରିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବ। କର୍ମକ୍ଷେତ୍ରରେ ଦୀର୍ଘ ଦିନରୁ ରହି ଆସିଥିବା ସମସ୍ୟାର ସରଳ ସମାଧାନ ହୋଇଯିବ। ପରିବାରରେ କାହା କଥା ସହ ଅନ୍ୟ କାହାର କଥା ମିଶିବ ନାହିଁ। ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ।

**ସିଂହ** — ସାଧାରଣ ବ୍ୟତିକ୍ରମ ଲାଗି ରହିଲେ ମଧ୍ୟ ଆଜି ଦୀର୍ଘଦିନର ଆଶା ଫଳବତୀ ହେବ। ତଥାପି ସାମାଜିକ ସ୍ତରରେ ପରୋକ୍ଷ ଶତ୍ରୁତା କାରଣରୁ ସତର୍କରେ ନ ଚଳିଲେ ବିବାଦ ଘେରରେ ପଡ଼ିବେ। ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ଗୃହୋପକରଣ ସାମଗ୍ରୀ କ୍ରୟ କରିବେ, ମହିଳାମାନେ ଉଚ୍ଚସ୍ତରରୁ ସମ୍ମାନିତ ହେବେ।

**କନ୍ୟା** — କର୍ମକ୍ଷେତ୍ରରେ ସାହାଯ୍ୟ,ସହଯୋଗ ଓ ସୁଖ ସମ୍ମାନ ପାଇ ଖୁସି ହେବେ। ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ଘରଭଡାକୁ କେନ୍ଦ୍ରକରି ସାମାନ୍ୟ ଝଗଡା ସୃଷ୍ଟି ହୋଇପାରେ। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**ତୁଳା** — ସ୍ୱାସ୍ଥ୍ୟ ଠିକ୍ ଥିଲେ ମଧ୍ୟ କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ପିଲାଙ୍କ ଆଚରଣକୁ କେନ୍ଦ୍ରକରି କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। କୌଣସି ନିକଟତମ ବ୍ୟକ୍ତିଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ।

**ବିଛା** — ପରିସ୍ଥିତି ପ୍ରତି ନଜର ରଖିବା ସାଙ୍ଗକୁ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ସହକର୍ମୀମାନଙ୍କ ଅନୁରୋଧରେ ମନୋରଞ୍ଜନରେ ଆଗ୍ରହୀ ହେବେ। ତଥାପି କରୁଥିବା କାମ ସକାଶେ ମଧ୍ୟାହ୍ନରେ ଟେନସନ୍ ବଢିପାରେ। ଆଜି ଦିନଟିରେ ମାତ୍ରାଧିକ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିବେ।

**ଧନୁ** — ଗତକାଲିର ଘଟଣା ସକାଶେ ଯେଉଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ଯେକୌଣସି କ୍ଷେତ୍ରରେ ହେଉନା କାହିଁକି,ଆପଣ ଆଜି ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ବନ୍ଧୁମାନଙ୍କର ଛଳନାପୂର୍ଣ୍ଣ କଥାକୁ ଠିକ୍ ଭାବେ ବୁଝି ପାରିବେନି। ସକାଳୁ ସକାଳୁ ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ।

**ମକର** — ବିଭିନ୍ନ ପ୍ରକାର ପାରିବାରିକ ଦୁଶ୍ଚିନ୍ତା କାରଣରୁ ରକ୍ତଚାପ ମଧ୍ୟ ବଢ଼ିପାରେ। ଅବଶ୍ୟ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ଆବଶ୍ୟକସ୍ଥଳେ ଧାରକରଜ କରି କାମ ତୁଲାଇ ନେବେ। ଚେଷ୍ଟା କରୁଥିବା କାମରେ ନିକଟ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ।

**କୁମ୍ଭ** — ଆଜିର କର୍ମକ୍ଷେତ୍ରରେ ନେତୃସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉପକୃତ ହେବେ। ଯେକୌଣସି କାମ ହେଉନା କାହିଁକି ଆପଣ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ଦୂରଯାତ୍ରାରେ କାର୍ଯ୍ୟସିଦ୍ଧି ଅବଶ୍ୟ ଘଟିବାର ସମ୍ଭାବନା ରହିଛି। ବନ୍ଧୁଙ୍କ ଦ୍ୱାରା କାମଟି କରାଇ ନେବେ,କିନ୍ତୁ ତାଙ୍କର ଛୋଟ କଥାକୁ ଧରି ବସନ୍ତୁ ନାହିଁ।

**ମୀନ** — ପଛକଥା ନ ଭାବି ବର୍ତ୍ତମାନର ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ। ବନ୍ଧୁମାନଙ୍କ ସାହାଯ୍ୟ ନେଇ ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ସଭାସମିତିରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବ।

ଆଜି ଦିବା ଘ.୧୨/୫୩ ମି. ପର୍ଯ୍ୟନ୍ତ ଫାଲଗୁନ ଅମାବାସ୍ୟା, ଫେବୃଆରୀ ୨୦ ତାରିଖ ସୋମବାର, ବିଶ୍ୱ ସାମାଜିକ ନ୍ୟାୟ ଦିବସ, ରାଶି ନକ୍ଷତ୍ର - ଦିବା ଘ.୧୧/୪୬ ଗତେ, ଶତଭିଷା/କୁମ୍ଭ, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬/୧୬ ମଧ୍ୟେ, ଘ.୦୭/୪୨ ଗତେ, ଘ.୧୦/୫୧ ଗତେ, ଘ.୦୧/୦୯ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ୦୭/୪୨ ଗତେ, ଘ୦୯/୦୮ ମଧ୍ୟେ ରାହୁକାଳ ॥

# ଉନ୍ନୟନ କାର୍ଯ୍ୟ ଦେଖିଲେ ୬ ଜିଲାର ଜନପ୍ରତିନିଧି

**ପୁରୁଷୋତ୍ତମପୁର/ଗୋପାଳପୁର/ହିଞ୍ଜିଳିକାଟୁ, ୧୯।୨(ଡି.ଏନ୍.ଏ.)**

ମାଲକାନଗିରି, ବୌଦ୍ଧ, କନ୍ଧମାଳ, ନବରଙ୍ଗପୁର, ଗଜପତି ଓ କଳାହାଣ୍ଡି ଜିଲାର ଜନପ୍ରତିନିଧିମାନେ ରବିବାର ଗଞ୍ଜାମ ଜିଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିଛନ୍ତି।

ମାଲକାନଗିରି ଜିଲାର ୨୨, ବୌଦ୍ଧର ୧୨ ଓ କନ୍ଧମାଳ ଜିଲାର ୩୯ ଜଣ ଜନପ୍ରତିନିଧି ପୁରୁଷୋତ୍ତମପୁର ବ୍ଲକ ବଡ଼ଖରିଡ଼ା କାଳେଶ୍ୱର ମନ୍ଦିରକୁ ଯାଇ ସେଠାରେ ଅତ୍ୟାଧୁନିକ ଢାଞ୍ଚାରେ ନିର୍ମାଣ କରାଯାଇଥିବା ମଡେଲ୍ ପାର୍କକୁ ପରିଦର୍ଶନ କରିଥିଲେ। କିଭଳି ଏହା କରାଯାଇଛି ସେ ସମ୍ପର୍କରେ ଉପସ୍ଥିତ ଜିଲା ଓ ବ୍ଲକ ପ୍ରଶାସନର କର୍ମଚାରୀ ଏବଂ ସ୍ଥାନୀୟ ଜନ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ସେଠାରୁ ଭୀମପୁର ପଞ୍ଚାୟତର ମୁକ୍ତେଶ୍ୱର ହାଇସ୍କୁଲକୁ ଯାଇ ସ୍ମାର୍ଟ କ୍ଲାସ୍ ଶ୍ରେଣୀଗୃହ ବୁଲି ଦେଖିବା ସହ ଐତିହାସିକ ଜଉଗଡ଼ ଓ ପ୍ରସିଦ୍ଧ ଇଷ୍ଟଦେବୀ ମା' ତାରାତାରିଣୀ ପୀଠରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟମାନ ଦେଖିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ପ୍ରକଳ୍ପ ଅଧିକାରୀ ପ୍ରତାପ ଚନ୍ଦ୍ର ପ୍ରଧାନ, ବିଡିଓ ବିଜୟ କୁମାର ବେହେରା, ସିଡିପିଓ ବବିତା ଚ୍ୟାଉପଟ୍ଟନାୟକ, ବ୍ଲକ କୃଷି ଅଧିକାରୀ ଡ. ପ୍ରମୋଦ କୁମାର ମହାପାତ୍ର, ଜିଲା ବିଜେଡିର ସାଧାରଣ ସମ୍ପାଦକ ନିର୍ମଳ ଚନ୍ଦ୍ର ସାହୁ, ବ୍ଲକ ଅଧ୍ୟକ୍ଷା ପିଙ୍କି ବେହେରାଙ୍କ ସମେତ ଜନପ୍ରତିନିଧି ଓ ଅଙ୍ଗନୱାଡି କର୍ମୀମାନେ ଗସ୍ତରେ ଆସିଥିବା ଜନପ୍ରତିନିଧିମାନଙ୍କୁ ଶୋଭାଯାତ୍ରାରେ ପାଛୋଟି ନେଇ କାର୍ଯ୍ୟମାନ ଦେଖାଇଥିଲେ।



ପୁରୁଷୋତ୍ତମପୁରରେ ଉନ୍ନୟନମୂଳକ କାର୍ଯ୍ୟକୁ ବିଡିଓ ଦେଖାଉଛନ୍ତି।

ସେହିପରି ନବରଙ୍ଗପୁର ଓ ଗଜପତି ଜିଲା ପରିଷଦ ଅଧ୍ୟକ୍ଷା, ବ୍ଲକ ଅଧ୍ୟକ୍ଷ ଓ ଅନ୍ୟ ଜନପ୍ରତିନିଧିମାନେ ରଙ୍ଗେଇଲୁଣ୍ଡା ବ୍ଲକର କରାପଲୀ ଓ ରଙ୍ଗିପୁରର ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ କରିଛନ୍ତି। ପୂର୍ବାହ୍ନରେ ନବରଙ୍ଗପୁର ଓ ଗଜପତି ଜିଲାର ଜିଲା ପରିଷଦ ଅଧ୍ୟକ୍ଷ, ଜିଲା ପଞ୍ଚାୟତ ଅଧିକାରୀ, ବ୍ଲକ ଅଧ୍ୟକ୍ଷ, ସରପଞ୍ଚ ଓ ଲୋକପ୍ରତିନିଧିମାନେ ପ୍ରଥମେ କରାପଲୀ ପଞ୍ଚାୟତ ଯାଇଥିଲେ। ସେଠାରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱଜିତ ରାୟ, ରଙ୍ଗେଇଲୁଣ୍ଡା ବ୍ଲକ ଅଧ୍ୟକ୍ଷ ସିଏଚ୍. ଉଷାରାଣୀ, ଜିଲା ପରିଷଦ ଉପସଭାନେତ୍ରୀ ଏସ୍. ରାଜେଶ୍ୱରୀ ଦୋରା, ସିଡିପିଓ ଜ୍ୟୋସ୍ନା ପାଢ଼ୀ, ଏମ୍‌ପିଙ୍କ ପ୍ରତିନିଧି ଅଜିତ ଦାସ, ସିଏଚ୍ ବାଇରୀ ପାତ୍ର, ସମାଜସେବୀ ରାମହରି ପାତ୍ର, ଭାରପ୍ରାପ୍ତ ଜିପିଓ ରୂପକ ରଞ୍ଜନ ସାମନ୍ତରାୟ, ଓଏସ୍‌ଡି ପ୍ରତାପ ଚନ୍ଦ୍ର ପଟ୍ଟନାୟକ, କନିଷ୍ଠ ଯନ୍ତ୍ରୀ ସମୀର ପଟ୍ଟନାୟକ ଉପସ୍ଥିତ ଥିଲେ। କଳାହାଣ୍ଡି ଜିଲାର ୪୫ ଜଣିଆ ପଞ୍ଚାୟତିରାଜ ବ୍ୟବସ୍ଥାର ଅଧିକାରୀ ଓ ଜନପ୍ରତିନିଧି ଟିମ୍ ହିଞ୍ଜିଳିକାଟୁ ଆସିଥିଲା। ଭାରତ ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରାଳୟ ଓ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ କିଟ୍ ବିଶ୍ୱବିଦ୍ୟାଳୟରେ ଆୟୋଜିତ ତିନିଦିନିଆ କର୍ମଶାଳାରେ ଏହି ଟିମ୍ ଭାଗନେଇଥିଲା। ଏହି ଟିମ୍ ସାରୁ ପଞ୍ଚାୟତ, ଦାରୁଭଦ୍ରା ପଞ୍ଚାୟତ ଓ ଶାସନ ଆମଗାଁ ପଞ୍ଚାୟତ ଆସି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସହ ପ୍ରକଳ୍ପର କାର୍ଯ୍ୟକାରିତା ଉପରେ ଆଲୋଚନା କରିଥିଲେ। ଏହି ଗସ୍ତରେ କୁକୁଡ଼ାଖଣ୍ଡି ବିଡିଓ ପଲ୍ଲବୀ ସ୍ୱାଇଁ, ସିଏସ୍‌ଓ ଗଞ୍ଜାମ ପୁଷା ମୁଣ୍ଡା, ଓଡ଼ିଶା କୃଷି ବିପଣନ ବୋର୍ଡ ଉପଦେଷ୍ଟା ସୁରେନ୍ଦ୍ରନାଥ ପ୍ରଧାନ, ଓଆର୍‌ଏଚ୍‌ଡିସି ଅଧ୍ୟକ୍ଷ ଡି. ବିଶ୍ୱନାଥ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଏନ୍. ରଘୁନାଥ, ମନୋଜ କୁମାର ସାବତ, ହିଞ୍ଜିଳିକାଟୁ ବିଡିଓ ସୁବ୍ରତ କୁମାର ଜେନା, ସାରୁ, କଞ୍ଚୁରୁ, ଦାରୁଭଦ୍ରା ଓ ଶାସନ ଆମଗାଁ ପଞ୍ଚାୟତର ସମସ୍ତ ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ ଏ. ସୁଦର୍ଶନ, ବାଇ ଗୀତାଞ୍ଜଳି, ପ୍ରୀତି ସାହୁଙ୍କ ସମେତ ବ୍ଲକ ଓ ପଞ୍ଚାୟତ କର୍ମଚାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଲକ୍ଷାଧିକ ଟଙ୍କା ସହ ସୁନା ଅଳଙ୍କାର ଚୋରି



**ତୁମୁଡିବନ୍ଧ, ୧୯।୨(ଡି.ଏନ୍.ଏ.):** ତୁମୁଡିବନ୍ଧ ଥାନା ଅନ୍ତର୍ଗତ ମେଡିକାଲ ସମ୍ମୁଖରେ ଥିବା ପରିଡ଼ା କଲୋନୀର ସୁରେନ୍ଦ୍ରନାଥ ପରିଡ଼ା (ଝୁନା)ଙ୍କ ଘରୁ ଗତ ଶନିବାର ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କା ଓ ସୁନା ଘଟଣା ଚୋରି ହୋଇଥିବା ନେଇ ରବିବାର ତୁମୁଡିବନ୍ଧ ଥାନାରେ ଅଭିଯୋଗ ହୋଇଛି। ସୁରେନ୍ଦ୍ରନାଥଙ୍କ ଝିଅ ବାହାଘର ପାଇଁ ସାତ ଦିନ ହେବ ନିଜ ଗ୍ରାମ ଭଞ୍ଜନଗର ଯାଇଥିବା ବେଳେ ଉପର ମହଲରେ ଭଡାରେ ରହୁଥିବା ବେଲଘର ରେଞ୍ଜର ଅରୁଣ କୁମାର ସାହୁ ମଧ ଶିବରାତ୍ର ଛୁଟିରେ ନିଜ ଘରକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଶନିବାର ବିଳମ୍ବିତ ରାତିରେ ସୁରେନ୍ଦ୍ରନାଥଙ୍କ ଘରେ ପସି ଆଲମାରୀ ଭାଙ୍ଗି ଟଙ୍କା ୩୦ହଜାର ଓ ଶାଢ଼ୀ ୩୨ ଖଣ୍ଡ ନେଇଥିବା ବେଳେ ଉପର ଘରେ ରହୁଥିବା ବେଲଘର ରେଞ୍ଜର ସାହୁଙ୍କ ଘରୁ ଲକର ଭାଙ୍ଗି ଟଙ୍କା ୨ଲକ୍ଷ , ହାତ ଘଣ୍ଟା ୨ଟି ରୁପାର ଗଣେଶ ମୂର୍ତ୍ତି ଚୋରି କରିନେଇଥିବା ଜଣାପଡିଛି। ଏ ନେଇ ସୁରେନ୍ଦ୍ର ତୁମୁଡିବନ୍ଧ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବାଲିଗୁଡା ଏସ୍‌ଡିପିଓ ବରୁଣ ବର୍ମା, ଫୁଲବାଣୀରୁ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ନେଇ ତୁମୁଡିବନ୍ଧ ଥାନାଧିକାରୀ ଜୟନ୍ତ କୁମାର ସେଠୀ କହିଛନ୍ତି।

### ଗଞ୍ଜେଇ ଜବତ, ଜଣେ ଗିରଫ

**ବୁଗୁଡ଼ା, ୧୯।୨(ଡି.ଏନ.ଏ.):** ବୁଗୁଡ଼ା ଥାନା ଅନ୍ତର୍ଗତ ଖୋଲଖାଲି ଯାତ୍ରୀ ବିଶ୍ରାମାଗାରଠାରେ ପୋଲିସ ୭ କି.ଗ୍ରା. ଗଞ୍ଜେଇ ଜବତ କରିବା ସହ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ବ୍ୟକ୍ତି ହେଲେ ପଶ୍ଚିମବଙ୍ଗ ରାଜ୍ୟ ମେଦିନିପୁର ଅଞ୍ଚଳର ଅମୂଲ୍ୟ ମାଝି। ଶନିବାର ଭୋର ୫ଟାରେ ଅମୂଲ୍ୟ ଗଞ୍ଜେଇ ଚାଲାଣ କରିବା ପାଇଁ ବିଶ୍ରାମାଗାରରେ ବସିଥିବା ବେଳେ ଏସ୍ଆଇ ସମୀର କୁମାର ସେଠୀଙ୍କ ନେତୃତ୍ୱରେ ପୋଲିସ ସେଠାରେ ଚଢ଼ାଉ କରିଥିଲା। ପୋଲିସ ଗାଡିକୁ ଦେଖି ଅମୂଲ୍ୟ ଚମ୍ପଟ ମାରିଥିଲେ ହେଁ ପୋଲିସ ତାକୁ କାବୁ କରିଥିଲା।

### ପ୍ରେସ କ୍ଲବର ନୂତନ କର୍ମକର୍ତ୍ତା ଚୟନ

**ଜି.ଉଦୟଗିରି, ୧୯।୨**-ଜି.ଉଦୟଗିରି ବ୍ୟବସାୟୀ ସଂଘ ସଭାଗୃହରେ ରବିବାର ସ୍ଥାନୀୟ ପ୍ରେସ କ୍ଲବ ସଭାପତି ସମୀର କୁମାର ପାଢୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ସମ୍ପାଦକ ବଟକୃଷ୍ଣ ଦାସ ବିବରଣୀ ପାଠ କରିଥିଲେ। ପୂର୍ବ ନିଷ୍ପତ୍ତି ପ୍ରକାରେ ଉପସ୍ଥିତ ସଭ୍ୟମାନଙ୍କ ସମର୍ଥନରେ ପୁରାତନ କମିଟି ଭଙ୍ଗ କରାଯାଇ ନୂତନ କମିଟି ଗଠନ କରାଯାଇଥିଲା। ଖବରଦାତା ବିଦ୍ୟାଧର ପାଳ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ସଭାପତି ଭାବେ ଅରୁଣ କୁମାର ଷଡ଼ଙ୍ଗୀ, ଉପ ସଭାପତି ରାମକୃଷ୍ଣ ଚୌଧୁରୀ, ସମ୍ପାଦକ ଅନିଲ କୁମାର ଦଳବେହେରା, ସହ ସମ୍ପାଦକ ସୁଜିତ କୁମାର ସାହୁଙ୍କୁ ଚୟନ କରାଯାଇଥିବା ବେଳ କୋଷାଧ୍ୟକ୍ଷ ଭାବେ ପ୍ରତାପ ଚନ୍ଦ୍ର ପାଢୀଙ୍କୁ ଚୟନ କରାଯାଇଛି। ଖବରଦାତା ଦେବନାଥ ଦଳବେହେରା ପତିତପାବନ ସାହୁ, ପ୍ରଶାନ୍ତ କୁମାର ମିଶ୍ର, ଗଗନ ପ୍ରଧାନ, ଚିନ୍ମୟ ସେଠୀ, ଚନ୍ଦ୍ରଶେଖର ପାଢ଼ି ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ଶିଶୁ ଲେଖକ କର୍ମଶାଳା

**ରମ୍ଭା, ୧୯।୨**

ଗଞ୍ଜାମ ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ତରଫରୁ ଶୁକ୍ରବାର ଭାଷା ଓ ସାହିତ୍ୟକୁ ନେଇ ପଠନ, ଆବୃତ୍ତି ଓ ଲିଖନର ବିଦ୍ୟାଳୟସ୍ତରୀୟ ଶିଶୁ ଲେଖକ କର୍ମଶାଳା ଏବଂ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୋପାଳ କୃଷ୍ଣ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିଶୁ ଲେଖକ କର୍ମଶାଳାରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି, କୁକୁଡ଼ାଖଣ୍ଡି ତହସିଲଦାର କଲ୍ୟାଣୀ ସଂଘମିତ୍ରା ଦେବୀ ମୁଖ୍ୟ ବକ୍ତା, ଗୋଷ୍ଠୀ ଶିକ୍ଷାଧିକାରୀ ଭାଗୀରଥି ବେହେରା, ଜିଲା ପରିଷଦ ସଭ୍ୟ ସନାତନ ବେହେରା, ଗଞ୍ଜାମ ବ୍ଲକ ତତ୍କାଳୀନ ଅଧ୍ୟକ୍ଷ ସୁରଥ ପାହାନ, ସରପଞ୍ଚ ସସ୍ମିତା ବେହେରା, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ ଚନ୍ଦ୍ର ବେହେରା, ପୂର୍ବତନ ପ୍ରଧାନ ଶିକ୍ଷକ ନାରାୟଣ ନାହାକ, ଗୋକୁଳ ଚନ୍ଦ୍ର ନାହାକ, ଉମାଚରଣ ବିଶ୍ୱାଳ, ବାଳକୃଷ୍ଣ ମହାରଣା ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ବେହେରାଙ୍କ ତତ୍ତ୍ୱାବଧାନ ସହ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ପରିଚାଳନା କମିଟିର ସଭାପତି ଦିଲୀପ କୁମାର ବେହେରାଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ପିଲାମାନେ କବିତା ଆବୃତ୍ତି, ଗଦ୍ୟ ପଠନ ପ୍ରସ୍ତୁତ କରିବା ସହ ପଠନୀୟ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରି ଉଚ୍ଚ ପ୍ରଶଂସିତ ଏବଂ ମାନପତ୍ର ଦ୍ୱାରା ପୁରସ୍କୃତ ହୋଇଥିଲେ। ଗୋକୁଳ ଚନ୍ଦ୍ର ନାହାକ, ଉମା ଚରଣ ବିଶ୍ୱାଳ, ଗଣେଶ ବେହେରାଙ୍କୁ ଆଞ୍ଚଳିକ ପ୍ରତିଭା ରୂପେ ମାନପତ୍ର ସହ ସମ୍ମାନିତ କରାଗଲା।

## ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ଉତ୍ସବରେ ଉପସ୍ଥିତ ଅତିଥି।

**ରମ୍ଭା, ୧୯।୨**

ଗଞ୍ଜାମ ବ୍ଲକ ପାଲୁର ଛକ ପାର୍ଶ୍ୱରେ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରର ୧୦ମ ବାର୍ଷିକ ଉତ୍ସବ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବକୁ କୁକୁଡ଼ାଖଣ୍ଡି ତହସିଲଦାର କଲ୍ୟାଣୀ ସଂଘମିତ୍ରା ଦେବୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ରୂପେ ଜିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ ଭୁବନେଶ୍ୱର ନିର୍ଦ୍ଦେଶକ ଡ. ଅସିତ୍ କୁମାର ସ୍ୱାଇଁ, ମୁଖ୍ୟ ବକ୍ତା ରୂପେ ଗଞ୍ଜାମ ବିଇଓ ଭାଗୀରଥି ବେହେରା, ଜୟନ୍ତୀ ବେହେରା, ଏବିଇଓ ବିଜୟ କୁମାର ବେହେରା ଓ ସମ୍ମାନିତ ଅତିଥି ରୂପେ ଗ୍ରାସିମ ଇଣ୍ଡଷ୍ଟ୍ରିଜ୍‌ର ଡିଜିଏମ୍ ନିରଜା ପଟ୍ଟନାୟକ, ୟୁନିଟ୍ ମୁଖ୍ୟ ଅଜୟ କୁମାର ଗୁପ୍ତା, ସାମାଜିକ କର୍ମୀ ସୁବାସ ଚନ୍ଦ୍ର ପଣ୍ଡା, ଦୀପକ ଫର୍ଟିଲାଇଜର ଓ ପେଟ୍ରୋକେମିକାଲ୍ସର ସିନିୟର ଜେନେରାଲ ମ୍ୟାନେଜର ରବୀନ୍ଦ୍ର କୁମାର ମହାନ୍ତି, ଗୋପାଳପୁର ପୋର୍ଟର ଏଚ୍ଆର ଓ ଆଇଆର ଟିଟା ରଞ୍ଜନ ବାହିନୀପତି, ରସ୍‌ପଣ୍ଡ ଇଣ୍ଡିଆ ଟ୍ରଷ୍ଟର ଅଧ୍ୟକ୍ଷ ସ୍ୱସ୍ତି ସୁନ୍ଦର ସିଆ, ସରପଞ୍ଚ ସସ୍ମିତା ବେହେରା, ପୂର୍ବତନ ଅଧ୍ୟକ୍ଷ ସୁରଥ ପାହାନ, ବିଦ୍ୟାଳୟ ଉପଦେଷ୍ଟା ବିଜୟ କୁମାର ବିଶ୍ୱାଳ ଯୋଗଦେଇଥିଲେ। ପ୍ରତିଷ୍ଠାତା ସଭାପତି ରଞ୍ଜନ କୁମାର ନାହାକ ବାର୍ଷିକ ବିବରଣୀ ପାଠ କରିଥିଲେ। ସ୍ୱାଗତ ଭାଷଣ ଶିକ୍ଷୟିତ୍ରୀ ରଞ୍ଜିତା କୁମାରୀ ପଣ୍ଡା ପ୍ରଦାନ କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷକ ପ୍ରମୋଦ ବାରିକ। ଏହି ଅବସରରେ ଗଞ୍ଜାମ ଝିଅ ମନସ୍ୱିନୀ ମହାରଣାଙ୍କୁ ସମ୍ମାନିତ କରାଯାଇଥିଲା।

## ରକ୍ତଦାନ ଶିବିର, ଶ୍ରଦ୍ଧାଞ୍ଜଳି ସଭା

**ରମ୍ଭା, ୧୯।୨**

ଗଞ୍ଜାମ ବ୍ଲକ ଅନ୍ତର୍ଗତ ସୁବଳୟା ଗ୍ରାମର ଧର୍ମ ପ୍ରାଣ, ସୁସାହିତ୍ୟିକ, ଶିକ୍ଷାବିତ୍ ତଥା ରମ୍ଭା ହାଇସ୍କୁଲର ଆଦର୍ଶ ଶିକ୍ଷକ ସ୍ୱର୍ଗତ ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋପାଳକୃଷ୍ଣ ଉଚ୍ଚ ବିଦ୍ୟାଳୟ ଅଭିନୟ ମଞ୍ଚ ପ୍ରକୋଷ୍ଠରେ ଗାୟତ୍ରୀ ପରିବାର ବିଶ୍ୱ ମଙ୍ଗଳ ଗୋ କଲ୍ୟାଣ ସମିତି ଦ୍ୱାରା ଆୟୋଜିତ ରକ୍ତଦାନ ଶିବିରରେ ରମ୍ଭା ଗାୟତ୍ରୀ ଶକ୍ତିପୀଠର ଟ୍ରଷ୍ଟି ଉମାକାନ୍ତ ସାହୁଙ୍କ ବେଦମନ୍ତ୍ର ଧ୍ୱନୀରେ ଆରମ୍ଭ ହୋଇଥିବା ରକ୍ତଦାନ ଶିବିରକୁ ସ୍ୱର୍ଗତ ସ୍ୱାଇଁଙ୍କ ପତ୍ନୀ ସ୍ୱର୍ଣ୍ଣପ୍ରଭା ସ୍ୱାଇଁ ପ୍ରଦୀପ ପ୍ରଜ୍ୱଳନକରି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ସାମାଜିକ କର୍ମୀ ଶିକ୍ଷାବିତ୍ ଅବସରପ୍ରାପ୍ତ ଶିକ୍ଷକ ବାନାମ୍ବର ପଲେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳୀ ସଭାରେ ଗଞ୍ଜାମ ବ୍ଲକର ପ୍ରାକ୍ତନ ଅଧ୍ୟକ୍ଷ ସୁରଥ ପାହାନ ମୁଖ୍ୟଅତିଥି, ସମ୍ମାନୀତ ଅତିଥି ଭାବେ ରାଜ୍ୟ ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ଅବସରପ୍ରାପ୍ତ ଆରକ୍ଷୀ ଅଧିକାରୀ ସୁଦର୍ଶନ ସାହୁ, ରାମଲେଙ୍କା ସରପଞ୍ଚ ସବିତା ବିଶ୍ୱାଳ, ଅଧାପକ ରୋହିତ ସାହୁ, ସାନୁ ମହାପାତ୍ର, ଶିବରାମ ସ୍ୱାଇଁ, ଶାସ୍ତ୍ରୀଜୀ ଯୁବ ପରିଷଦର ସଭାପତି ଶିକ୍ଷକ ଅମର ପ୍ରସାଦ ନାୟକ, ଗୌରାଙ୍ଗ ପାଟଣା ଶାଖା ସଂଯୋଜକ ଶିକ୍ଷକ ଶେଷ ଦେବ ବେହେରା ଯୋଗଦେଇଥିଲେ। ଗାୟତ୍ରୀ ପରିବାରର ବିଶ୍ୱ ମଙ୍ଗଳ ଗୋ କଲ୍ୟାଣ ସମିତିର ସହ ସଂଯୋଜକ ରବିନାରାୟଣ ସେନାପତି, ସମାଜସେବୀ ତପନ କୁମାର ସାମନ୍ତ, ବିଜୟ କୁମାର ମିସ୍ତ୍ରୀ, କୁମୁଦ ରଞ୍ଜନ ପ୍ରଧାନ, ନଟବର ରାଉତ ଆୟୋଜିତ ଶିବିର ପରିଚଳିତ ହୋଇଥିଲା।

## ବୟୋଜ୍ୟେଷ୍ଠ ଯୋଜନା ଶୁଭାରମ୍ଭ କଲେ ବିଧାୟକ



ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ ଉଦ୍‌ଘାଟନ କରୁଛନ୍ତି।

**ଜି.ଉଦୟଗିରି, ୧୯।୨(ଡି.ଏନ୍.ଏ.)**

ବହୁ ପୁରାତନ ମର୍ଷହେଡ୍ ମେମୋରିଆଲ ଖ୍ରୀଷ୍ଟିଆନ ହସ୍ପିଟାଲରେ ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱାସ୍ଥ୍ୟସେବା ଆରମ୍ଭ ହୋଇଛି। ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନଙ୍କ ଦ୍ୱାରା ଗୁଡ୍ରିପଡ଼ିସ୍ଥିତ ଏମ୍‌ଏମ୍‌ସି ହସ୍ପିଟାଲଠାରେ ନୂତନ ଭାବେ ଆରମ୍ଭ ହୋଇଛି ବୟୋଜ୍ୟେଷ୍ଠ ଯୋଜନା। ଏହି ଯୋଜନା ମାଧ୍ୟମରେ ବରିଷ୍ଠ ନାଗରିକମାନେ ପାଇବେ ମାଗଣା ରକ୍ତ ପରୀକ୍ଷା ଏବଂ ପରାମର୍ଶ ସୁବିଧା। ଏହାସହିତ ବୟୋଜ୍ୟେଷ୍ଠ ନାଗରିକଙ୍କ ନିମନ୍ତେ ସେମି ଅଟୋ ଆନାଲାଇଜର ମେଶିନ ଦ୍ୱାରା ରକ୍ତ ପରୀକ୍ଷା ଏବଂ ଟ୍ରାକ୍ସନ ମେଶିନ ଦ୍ୱାରା ଅଣ୍ଟାବ୍ୟଥାଜନିତ ରୋଗ ଚିକିତ୍ସା ପାଇପାରିବେ। ଏମ୍‌ଏମ୍‌ସି ହସ୍ପିଟାଲର ଚେୟାରମ୍ୟାନ ପ୍ରଦୀପ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଉପାଧ୍ୟକ୍ଷା ସାଧବାଣୀ ନାୟକ, ଜିଲା ପରିଷଦ ସଭ୍ୟା ଲିଲିମା ପ୍ରଧାନ, ପୂର୍ବତନ ବିଶପ୍ ଆଚାର୍ଯ୍ୟ ବାଞ୍ଛାନିଧି ନାୟକ, ବ୍ଲକ ଉପାଧ୍ୟକ୍ଷ ଏନ. ଲୁକ୍, ଡାକ୍ତର ଦେବରାଜ ଦାସ, ଜିଏନ୍‌ଏମ୍ ତାଲିମ କେନ୍ଦ୍ର ଅଧ୍ୟକ୍ଷା ଗ୍ଲୋରୀ ନାୟକ, କାର୍ଯ୍ୟକ୍ରମ ଅଧ୍ୟକ୍ଷ ରାଜକିଶୋର ଡିଗଲଙ୍କ ସମେତ କିଶୋର ଚନ୍ଦ୍ର ନାୟକ, ଆଲୋକ ଚନ୍ଦ୍ର ନାୟକ, ସରପଞ୍ଚ ତ୍ରିଶୀଳା ପ୍ରଧାନ, ସାମାଜିକ କର୍ମୀ ଏମ୍‌ଡି. ଜିଆଉଦ୍ଦିନ, ଏମ୍‌ଡି. ଆଲମାସ, ସଚ୍ଚିଦାନନ୍ଦ ପ୍ରଧାନ, ବିଧାୟକଙ୍କ ପ୍ରତିନିଧି ଅନିଲ କୁମାର ଦଳବେହେରା, କୃଷକ ମୋର୍ଚ୍ଚା ସଭାପତି ଉଦୟନାଥ ନାୟକ, ରଞ୍ଜୟ ନାୟକ, ଯୁବରାଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଗଞ୍ଜାମ ଜିଲା ଘରୋଇ ବସ୍ ମାଲିକ ସଂଘର ବିବାଦ

**ବ୍ରହ୍ମପୁର ଅଫିସ, ୧୯।୨**

ଗଞ୍ଜାମ ଜିଲା ଘରୋଇ ବସ୍ ମାଲିକ ସଂଘ ବିବାଦ ଦେଖାଦେଇଛି। ଦୁଇ ଗୋଷ୍ଠୀ ହେବା ସହ ପରସ୍ପର ବିରୋଧରେ ଆରୋପ ଓ ପ୍ରତ୍ୟାରୋପ ଅଭିଯୋଗ ପରେ ବୈଦ୍ୟନାଥପୁର ଥାନାରେ ନଂ.୯୫/୨୩ ରେ ମାମଲା ରୁଜୁ ହୋଇଛି। ପୋଲିସ ଉଭୟ ପକ୍ଷଙ୍କୁ ଥାନାକୁ ଡାକି ପଚରାଉଚରା କରିଛି। ଘଟଣାର ତଦନ୍ତ ଜାରି ରହିଥିବା ଥାନାଧିକାରୀ ରାମ କୁମାର ମୁର୍ମୁ କହିଛନ୍ତି। ପ୍ରକାଶ ଯେ, କିଛିଦିନ ପୂର୍ବେ ଗୋଟିଏ ସଂଘ ବୈଠକ କରି କେତେକ ସଦସ୍ୟଙ୍କୁ ସଂଘରୁ ବାହାର କରିବା ସହ ସମ୍ପାଦକଙ୍କୁ ମଧ ବାଦ ଦିଆଯାଇଥିବା ଘୋଷଣା କରିଥିଲା। ସଂଘର ଏଭଳି ପଦକ୍ଷେପକୁ ନେଇ ଉଭୟ ପକ୍ଷ ଗଣ୍ଡଗୋଳ ହେବା ପରେ ରବିବାର ବୈଦ୍ୟନାଥପୁର ଥାନାରେ ଉଭୟ ପକ୍ଷରୁ ଏତଲା ଦିଆଯାଇଥିଲା। ପୋଲିସ ଅଭିଯୋଗକୁ ଗ୍ରହଣ କରି ମାମଲା ରୁଜୁ କରିଛି। ସଂଘ ପକ୍ଷରୁ ଯାହା ରିଜୋଲେଶନ୍ ଗୃହୀତ ହୋଇଛି ସେ ସମ୍ପର୍କିତ ସମସ୍ତ କାଗଜପତ୍ର ଥାନାରେ ଦାଖଲ କରିବାକୁ ଥାନାଧିକାରୀ ସଂଘ କର୍ମକର୍ତ୍ତାଙ୍କୁ କହିଛନ୍ତି।

## ଋଷିକୁଲ୍ୟା କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ସୋରଡ଼ା, ୧୯।୨(ଡି.ଏନ୍.ଏ.)**

ସୋରଡ଼ା ମିନି ଷ୍ଟାଡିୟମ ପରିସରରେ ୧୪ତମ ଆନ୍ତଃ ଜିଲା ଋଷିକୁଲ୍ୟା କ୍ରିକେଟ ଟୁର୍ନାମେଣ୍ଟ ରବିବାର ଆରମ୍ଭ ହୋଇଛି । ଋଷିକୁଲ୍ୟା କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ସଭାରେ କ୍ଲବ ସଭାପତି ସଞ୍ଜୟ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ଏନ୍‌ଏସି ଅଧ୍ୟକ୍ଷ ଶିବଶଙ୍କର ପଣ୍ଡା ମୁଖ୍ୟଅତିଥି, ସୋରଡ଼ା ଥାନା ଆଇଆଇସି ରମେଶ କୁମାର ପ୍ରଧାନ, ବଡ଼ଗଡ଼ ଥାନା ଆଇଆଇସି ସୁରଜ ଝଙ୍କାର, ବିବେକାନନ୍ଦ ପରିଷଦ ସଭାପତି ଲକ୍ଷ୍ମୀ ଚରଣ ପଣ୍ଡା, ବ୍ୟବସାୟୀ ଅନିଲ ଚୌଧୁରୀ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅଞ୍ଚଳର କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ପ୍ରୟାସ ଜାରି ରହିବ ବୋଲି ଏହି ଅବସରରେ ମୁଖ୍ୟ ଅତିଥି କହିଥିଲେ। ଉଦ୍‌ଘାଟନୀ ମ୍ୟାଚ ଆଦର୍ଶ ବିଦ୍ୟାଳୟ ଶିକ୍ଷକଙ୍କ ଟିମ୍ ଓ ମୁଜାଗଡ ଟିମ୍ ମଧ୍ୟରେ ହୋଇଥିଲା। ପିଙ୍କୁ ମହାରଣା, ଶିବ ମହାରଣା ଅମ୍ପାୟର ରହିଥିବା ବେଳେ ଟିଙ୍କିନା ମହାରଣା, ସରୋଜ ମହାରଣା ଖେଳ ପରିଚାଳନା କରିଥିଲେ। ସରୋଜ ମହାପାତ୍ର ସ୍କୋରର ଥିଲେ ।



କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ କରାଯାଉଛି।

## ୧୫ ମାସ ବିତିଲା, ମିଳୁନି ଭେଣ୍ଡିଂଜୋନ୍

**କବିସୂର୍ଯ୍ୟନଗର, ୧୯।୨(ଡି.ଏନ.ଏ.)**

ମାତ୍ର ୧୫ଦିନରେ ଭେଣ୍ଡିଂ ଜୋନ୍ ଯୋଗାଇ ଦେବାକୁ କହି ବ୍ଲକ ପାର୍ଶ୍ୱ ଦୋକାନୀମାନଙ୍କୁ ଉଠାଇ ଦିଆଗଲା। କିନ୍ତୁ ୧୫ ମାସ ବିତି ଯାଇଥିଲେ ମଧ ସେମାନଙ୍କୁ ଭେଣ୍ଡିଂ ଜୋନ୍ ଯୋଗାଇ ଦିଆଯାଇପାରି ନାହିଁ। ଫଳରେ ବ୍ୟବସାୟୀମାନେ ଏବେ ହତାସ ହୋଇ ବସିଛନ୍ତି। ୨୦୨୧ ଜୁଲାଇ ୨୨ରେ ପ୍ରଶାସନ ବ୍ଲକ ପାର୍ଶ୍ୱରେ ଥିବା ବ୍ୟବସାୟୀଙ୍କୁ ଉଠାଇଦେଇ ୧୫ଦିନରେ ନୂଆ ଘର ଦେବାକୁ ପ୍ରତିଶ୍ରୁତି ଦେଇଥିଲା। ୧୫ ମାସରୁ ଊର୍ଦ୍ଧ୍ୱ ସମୟ ବିତିଥିଲେ ମଧ ଭେଣ୍ଡିଂ ଜୋନ୍ ଯୋଗାଇ ଦିଆଯାଇନାହିଁ। ବ୍ଲକ ପାର୍ଶ୍ୱ ନିର୍ମାଣ ସରିଥିବା ୧୦ଟି ଟିଣ ଘର ଭେଣ୍ଡିଂ ଜୋନ ଉଦଘାଟନ କରିବା ନେଇ ଦିନ ଗଡୁଛି। ହତାଶ ହୋଇ ବସିଛନ୍ତି ବ୍ୟବସାୟୀ। ସେହିପରି ଆରଇବି ଛକଠାରେ ଗତ ୨୦୨୨ ଜାନୁୟାରୀ ୬ରୁ ୮ଟି ଟିଣଘର ଉଦଘାଟନ ହୋଇଥିଲେ ମଧ ତାଲାପଡ଼ି ରହିଛି। ବହୁ ଟଙ୍କା ଖର୍ଚ୍ଚ କରାଯାଇ ଏହା ନିର୍ମାଣ ହୋଇଥିଲେ ମଧ ଏହାର କାର୍ଯ୍ୟକାରିତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢ଼ୀ କହିଛନ୍ତି, କାଉନସିଲର ସଭାରେ ପ୍ରତି ବ୍ୟବସାୟୀ ଘର ଭଡ଼ା ବାବଦରେ ୧୦୦୦ଟଙ୍କା ଓ ଅଗ୍ରିମ ୧୦ ହଜାର ପୈଠ ଦେବା ପାଇଁ ନିଷ୍ପତ୍ତି ହୋଇଛି। ଖୁବ ଶୀଘ୍ର ଆବଣ୍ଟନ ହେବ।



ଭେଣ୍ଡିଂ ଜୋନ'

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୦ ଫେବୃୟାରୀ, ୨୦୨୩



## ସଂକ୍ଷେପରେ

### ଶ୍ରୀରାମେଶ୍ୱରଙ୍କ ପୀଠରେ ମହାଯଜ୍ଞ ପ୍ରସ୍ତୁତି

**ଦିଗପହଣ୍ଡି,୧୯।୨(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ ବମକେଇ ପଞ୍ଚାୟତ କୁମରଡ଼ା ଗ୍ରାମର ଶ୍ରୀରାମେଶ୍ୱର ମହାଦେବଙ୍କ ପୀଠରେ ହେବାକୁଥିବା ପଞ୍ଚକୁଣ୍ଡିୟ ହରିହରାତ୍ମକ ମହାଯଜ୍ଞ ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ରବିବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ମହାଯଜ୍ଞର ଆବାହକ ତଥା ମୁଖ୍ୟ ପୁରୋହିତ ଶିବ ପ୍ରସାଦ ପଣ୍ଡା ଓ ମୁଖ୍ୟକର୍ତ୍ତା ବଦ୍ରିନାରାୟଣ ପାଣିଗ୍ରାହୀ ଓ ତାଙ୍କ ଧର୍ମପତ୍ନୀଙ୍କ ଉପସ୍ଥିତିରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା। ଶୈବପୀଠ ଉନ୍ନୟନ କମିଟିର କାର୍ଯ୍ୟକର୍ତ୍ତା ଏବଂ କୁମରଡ଼ା, ମୁଣ୍ଡପୋତା, ଚୈତନ୍ୟ ପ୍ରସାଦ, ଖଇରପଙ୍କ, ନାରାୟଣପୁର, କୁକୁଟ ବନ୍ଧ ଓ ପୂଜାରୀ ପଲ୍ଲୀ ଗ୍ରାମର ବହୁ ଶ୍ରଦ୍ଧାଳୁ ସହଯୋଗ କରିଥିଲେ। ଏହି ମହାଯଜ୍ଞ ଆସନ୍ତା ମାର୍ଚ୍ଚ ୨୩ ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଶେଷରେ ସଭାପତି କୋରାମଣୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କ ସ୍ମୃତିସଭା

**ପାତ୍ରପୁର,୧୯।୨(ଡି.ଏନ୍.ଏ.):** ପାତ୍ରପୁର ବ୍ଲକ ଖାରିଆଗୁଡ଼ା ଗ୍ରାମର ରାଷ୍ଟ୍ରପତି ଓ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ପ୍ରହ୍ଲାଦ ମହାନ୍ତିଙ୍କ ସ୍ମୃତିସଭା ବାପୁଜୀ ରଙ୍ଗମଞ୍ଚଠାରେ ରବିବାର ଅବସରପ୍ରାପ୍ତ ପ୍ରାଧାପକ ରାମଚନ୍ଦ୍ର ବାଡ଼ତ୍ୟାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ବାଚସ୍ପତି ଚିନ୍ତାମଣି ଦ୍ୟାନ ସାମନ୍ତରା ଯୋଗଦେଇ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ବିକାଶ ଦିଗରେ ପ୍ରହ୍ଲାଦ ମହାନ୍ତିଙ୍କ ଅବଦାନ ଅତୁଳନୀୟ ଥିବା ପ୍ରକାଶ କରିଥିଲେ। ଏହି ଅବସରରେ ତାଙ୍କ ସ୍ମୃତିରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନାଟ୍ୟକାର ରମେଶ ଚନ୍ଦ୍ର ମହାରଣା, ସାମାଜିକ କର୍ମୀ ମୋହନ ରାଓ, ସୀମାଞ୍ଚଳ ଗୌଡ଼, ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ମହାଲିକ, ମୀନକେତନ ମହାନ୍ତି, ପ୍ରଧାନ ଶିକ୍ଷକ ଡ. ଶଙ୍କର ନାରାୟଣ ବେଜ ଓ ଅନନ୍ତ ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

### ବାର୍ଦ୍ଧକ୍ୟ, ଦିବ୍ୟାଙ୍ଗ ଭତ୍ତା ଟଙ୍କା ଦେବାକୁ ନିବେଦନ



**ଆର.ଉଦୟଗିରି,୧୯।୨(ଡି.ଏନ.ଏ.):** ଆର.ଉଦୟଗିରି ଥାନା ସମ୍ବଲପୁର ପଞ୍ଚାୟତ ନଦୀମୁଠା ଅଞ୍ଚଳରେ ଜିଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କୁ ନିଜ ଅଞ୍ଚଳରେ ବାର୍ଦ୍ଧକ୍ୟ ଓ ବିକଳାଙ୍ଗ ଭତ୍ତା ଟଙ୍କା ପାଇବା ପାଇଁ ବୃଦ୍ଧା ବୃଦ୍ଧ, ଅକର୍ମଣ୍ୟ, ବିକଳାଙ୍ଗ ଲୋକଙ୍କ ଆକୁଳ ନିବେଦନ କରିଛନ୍ତି। ରାଜ୍ୟ ସରକାର ବର୍ତ୍ତମାନ ହିତାଧିକାରୀଙ୍କୁ ବ୍ୟାଙ୍କ୍ ଖାତାରେ ଭତ୍ତା ଟଙ୍କା ସିଧାସଳଖ ଦେଉଛନ୍ତି। କିନ୍ତୁ ୫୦୦ ଟଙ୍କା ପାଇଁ ୪୦ କିଲୋମିଟର ଅଟୋରେ କିମ୍ବା ବସରେ ଟଙ୍କା ଖର୍ଚ୍ଚ କରି ବ୍ୟାଙ୍କ୍‌କୁ ଯାଇ ଲାଇନରେ ଠିଆ ହୋଇ ଭତ୍ତା ଟଙ୍କା ଆଣିବା ହିତାଧିକାରୀଙ୍କୁ ସମସ୍ୟା ଦେଖାଯାଉଛି। ସରକାର ୫୦୦ ଟଙ୍କା ଦେଉଥିବା ଭତ୍ତା ଟଙ୍କା ମାସ ସାରା ଚଳିବା କଷ୍ଟ ହେଉଥିବା ବେଳେ ଏହି ସମସ୍ୟା ସମାଧାନ କରିବାକୁ ହିତାଧିକାରୀ କହିଛନ୍ତି।

# ଷ୍ଟ୍ରିଟ୍ ଲାଇଟ୍ କଟିଯିବାରୁ ଦୁଇ ପରିବାରକୁ ବାସନ୍ଦ

**ପୁରୁଷୋତ୍ତମପୁର,୧୯।୨(ଡି.ଏନ.ଏ.)**

ଗ୍ରାମରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍ ଲାଇନମ୍ୟାନ୍ କାଟିଦେବାରୁ ଗୋଟିଏ ପରିବାରକୁ ଗ୍ରାମବାସୀ ଦୋଷ ଦେଇ ସାମାଜିକ ବାସନ୍ଦ କରିଛନ୍ତି। ଉକ୍ତ ପରିବାର ସହିତ ତାଙ୍କ ମାମୁଘର ସମ୍ପର୍କ ରଖିଥିବାରୁ ସେହି ପରିବାରକୁ ମଧ୍ୟ ବାସନ୍ଦ କରାଯାଇଛି। ଏଭଳି ଘଟଣା ଘଟିଛି ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଭାଟକୁମରଡ଼ା ଗ୍ରାମରେ। ପ୍ରକାଶ ଯେ, ଗତ ଅକ୍ଟୋବର ମାସରେ ଭାଟକୁମରଡ଼ା ଗ୍ରାମରେ ଅନ୍ଧକାର ଦୂର କରିବା ଲାଗି ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଥିଲା। ମାତ୍ର ଯୁଧିଷ୍ଠିରଙ୍କ ଘର ନିକଟସ୍ଥ ବିଦ୍ୟୁତ୍ ଖୁଣ୍ଟରେ ତାର ଯୋଡ଼ିବାରେ ତ୍ରୁଟି ରହିଥିବାରୁ ସେ ଲାଇନ ମ୍ୟାନଙ୍କୁ ଜଣାଇଥିଲେ। ଲାଇନମ୍ୟାନ ସଜାଡ଼ିବା ବଦଳରେ ପୂରା ଷ୍ଟ୍ରିଟ୍ ଲାଇଟ୍ କାଟି ଦେଇଥିଲେ।

### ସମାଧାନ ଲାଗି ପୋଲିସ୍‌ର ଉଦ୍ୟମ



ଏସ୍‌ଡିପିଓ ଓ ଆଇଆଇସି ଉଭୟ ପକ୍ଷଙ୍କୁ ବୁଝାଶୁଝା କରୁଛନ୍ତି।

ଏଥିପାଇଁ ଗ୍ରାମବାସୀ ଯୁଧିଷ୍ଠିରଙ୍କ ଦାୟୀ କରି ଗ୍ରାମସଭା ଡକାଇ ତାଙ୍କୁ ୩୦ ହଜାର ଟଙ୍କା ଜୋରିମାନା କରିଥିଲେ। କିଛି ଟଙ୍କା ଯୁଧିଷ୍ଠିର ପ୍ରଦାନ କରିଥିବା ବେଳେ ତାଙ୍କ ବାପାଙ୍କ ସ୍ୱାସ୍ଥ୍ୟ ଖରାପ ଯୋଗୁଁ ବଳକା ଟଙ୍କା ପ୍ରଦାନ କରିପାରିନଥିଲେ। ଫଳରେ ଗ୍ରାମ୍ୟ କମିଟି ପକ୍ଷରୁ ଯୁଧିଷ୍ଠିରଙ୍କ ପରିବାରକୁ ବାସନ୍ଦ କରାଯାଇଥିଲା। ଗ୍ରାମରେ ଧେଣ୍ଡୁରା ଦେଇ କେହି ତାଙ୍କ ପରିବାର ସହ କଥାବାର୍ତ୍ତା ନ କରିବା ଲାଗି ଚେତାବନୀ ଦିଆଯାଇଥିଲା। ତେବେ ମାମୁ ଉମା ଦାସଙ୍କ ପରିବାର ଯୁଧିଷ୍ଠିରଙ୍କ ପରିବାର ସହ ସମ୍ପର୍କ ରଖିଥିବା ଜାଣି ଗତ ୧୫ ତାରିଖରେ ଉମାଙ୍କ ପରିବାରକୁ ବାସନ୍ଦ କରିଥିଲେ। ଉଭୟ ଯୁଧିଷ୍ଠିର ଓ ଉମାଙ୍କ ପରିବାର ଗତ ୧୬ତାରିଖରେ ପୁରୁଷୋତ୍ତମପୁର ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ପୁରୁଷୋତ୍ତମପୁର ଏସ୍‌ଡିପିଓ ରଜନୀକାନ୍ତ ସାମଲ ଓ ଆଇଆଇସି ପ୍ରିୟୁଷ ରଞ୍ଜନ ଛୋଟରାୟ ଏହାକୁ ଗୁରୁତର ସହ ନେଇ ନଂ ୧୦୬/୨୩ରେ ମାମଲା ରୁଜୁ କରିଛନ୍ତି। ଗ୍ରାମରେ ଶାନ୍ତି ପ୍ରତିଷ୍ଠା ପାଇଁ ଦୁଇ ପକ୍ଷଙ୍କୁ ଥାନାକୁ ଡାକି ଆଲୋଚନା କରିବା ସହିତ ସମସ୍ତେ ମିଳିମିଶି ରହିବା ଲାଗି ପରାମର୍ଶ ଦେଇଛନ୍ତି। ଗ୍ରାମବାସୀ ଏକ ସପ୍ତାହ ମଧ୍ୟରେ ସମସ୍ତେ ବସି ସମାଧାନ କରିବେ ବୋଲି ପୋଲିସକୁ ପ୍ରତିଶ୍ରୁତି ଦେଇଛନ୍ତି।

# ଗଞ୍ଜାମ ଜିଲା ପ୍ରଶାସନକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସାପତ୍ର



ମୁଖ୍ୟମନ୍ତ୍ରୀ ପ୍ରଶଂସାପତ୍ର ପ୍ରଦାନ କରୁଛନ୍ତି।

**ଛତ୍ରପୁର,୧୯।୨(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ପ୍ରଶାସନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଶଂସାପତ୍ର ପ୍ରଦାନ କରିଛନ୍ତି। ପୁରୁଷ ହକି ବିଶ୍ୱକପ୍-୨୦୨୩ ଆୟୋଜନ ବେଳେ ସାଧାରଣ ଜନତାଙ୍କୁ ଏଥିପ୍ରତି ଆକୃଷ୍ଟ କରିବା ଓ ବିଶ୍ୱକପ୍ ହକିର ସିଧା ପ୍ରସାରଣ ସମସ୍ତେ ଦେଖିବା ଲାଗି ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ଉତ୍ତମ ବ୍ୟବସ୍ଥା କରାଯାଇଥିଲା। ଏଥିସହ ହକି ବିଶ୍ୱକପ୍ ବେଳେ ପ୍ରଶାସନ ପକ୍ଷରୁ ଜିଲାର ବିଭିନ୍ନ ସ୍ଥାନରେ ପଲ୍ଲିଶ୍ରୀ ମେଳା ଆୟୋଜନ କରାଯାଇଥିଲା। ପଲ୍ଲିଶ୍ରୀ ମେଳା ଓ ଜାତୀୟ କ୍ରୀଡ଼ା ପ୍ରତି ଲୋକଙ୍କୁ ସଚେତନ କରିବାରେ ଭଲ ପଦକ୍ଷେପ ଗ୍ରହଣ କରିଥିବାରୁ ଗଞ୍ଜାମ ଜିଲା ପ୍ରଶାସନକୁ ପ୍ରଶଂସାପତ୍ର ମିଳିଛି। ମୁଖ୍ୟମନ୍ତ୍ରୀଙ୍କଠାରୁ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏହି ପ୍ରଶଂସାପତ୍ର ଗ୍ରହଣ କରିଛନ୍ତି। ଗଞ୍ଜାମ ଜିଲା ଟିମ୍ ଓ ଜନସାଧାରଣଙ୍କ ସହଯୋଗରୁ ଏହା ସମ୍ଭବ ହୋଇପାରିଛି। ଏଥିଲାଗି ଜିଲାପାଳଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ସୂଚନାଯୋଗ୍ୟ, ହକି ବିଶ୍ୱକପ୍ ବେଳେ ଏବଂ ଏହାପୂର୍ବରୁ ଗୋପାଳପୁର ଓ ବ୍ରହ୍ମପୁର ଆଦି ସହରରେ ପଲ୍ଲିଶ୍ରୀ ମେଳା, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିସହ ଜିଲାର ବିଭିନ୍ନ ସ୍ଥାନରେ ହକି ମ୍ୟାଚ୍ ଆୟୋଜନ, ସଚେତନତା ରାଲି ଏବଂ ସମସ୍ତ ସହରରେ ହକି ବିଶ୍ୱକପ୍ ମ୍ୟାଚ୍‌ର ସିଧା ପ୍ରସାରଣ ଦେଖିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା।

# ସ୍ୱାସ୍ଥ୍ୟ ଭିତ୍ତିଭୂମି, ଅଙ୍ଗନୱାଡ଼ି ଉନ୍ନତି ପାଇଁ ଏମ୍‌ସିଏଲ୍‌ର ଚୁକ୍ତି



ଏମ୍‌ସିଏଲ୍ ପ୍ରବନ୍ଧକ ଏବଂ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀ।

**ଫୁଲବାଣୀ ଅଫିସ, ୧୯।୨**

କନ୍ଧମାଳ ଜିଲାର ସ୍ୱାସ୍ଥ୍ୟ ବିଭାଗ ଭିତ୍ତିଭୂମି ଓ ଅଙ୍ଗନୱାଡିର ଉନ୍ନତି ପାଇଁ ମହାନଦୀ କୋଲ୍ଡ ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ) ସହାୟତା ଯୋଗାଇ ଦେବ। ଏ ନେଇ ଜିଲା ପ୍ରଶାସନ ଏବଂ ଏମ୍‌ସିଏଲ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ସ୍ୱାସ୍ଥ୍ୟ ଭିତ୍ତିଭୂମି (ଡାକ୍ତରୀ ଉପକରଣ ଓ ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଯାନ) ପାଇଁ ମୋଟ ୮ କୋଟି ୫୩ ଲକ୍ଷ ୬୦ ହଜାର ଟଙ୍କା, ଅଙ୍ଗନୱାଡ଼ି କେନ୍ଦ୍ରକୁ ସୋଲାର ଲାଇଟ ଦ୍ୱାରା ଆଲୋକିତ କରିବା ଓ ପାନୀୟ ଜଳ ଯୋଗାଣ ପାଇଁ ୧ କୋଟି ୭ ଲକ୍ଷ ଟଙ୍କା ଏପରି ମୋଟ ୯କୋଟି ୬୦ ଲକ୍ଷ ୬୦ ହଜାର ଟଙ୍କା ଏମ୍‌ସିଏଲ ସି.ଏସ୍.ଆର୍. କାର୍ଯ୍ୟକ୍ରମ ଅନ୍ତର୍ଗତ ଅନୁଦାନ ରାଶି ପ୍ରଦାନ କରିବ। ଜିଲାପାଳ ଆଶିଷ ଈଶ୍ୱର ପାଟିଲ୍ ଏବଂ ସି.ଏସ୍.ଆର. ପ୍ରବନ୍ଧକ ରଜନୀକାନ୍ତ ପାଣିଗ୍ରାହୀ ଉପସ୍ଥିତ ରହି ଏହି ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ସେହିପରି ଆଗାମୀ ଦିନରେ ଜିଲାକୁ ସହଯୋଗ କରିବା ପାଇଁ ସି.ଏସ୍.ଆର. ପ୍ରବନ୍ଧକ ପାଣିଗ୍ରାହୀ ପ୍ରତିଶ୍ରୁତି ଦେଇଛନ୍ତି। ଜିଲାପାଳଙ୍କ ଏହି ପ୍ରୟାସ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉନ୍ନତି ଆଣିବ ବୋଲି ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋଜ କୁମାର ଉପାଧ୍ୟାୟ ଏହି ଅବସରରେ କହିଛନ୍ତି। କାର୍ଯ୍ୟକ୍ରମରେ ସହକାରୀ ଜିଲାପାଳ ପ୍ରଦ୍ୟୁମ୍ନ କୁମାର ମଣ୍ଡଳ, ଏମ୍‌ସିଏଲ ସି.ଏସ୍.ଆର୍. ସହକାରୀ ପ୍ରବନ୍ଧକ ଅରବିନ୍ଦ ସାହୁ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ବସନ୍ତ କୁମାର ପାତ୍ର, ଜିଲା ସ୍ୱାସ୍ଥ୍ୟ ମିଶନ ପ୍ରକଳ୍ପ ପରିଚାଳକ ମନୋରଞ୍ଜନ ସାହୁ, ସ୍ୱାସ୍ଥ୍ୟ ମିଶନର ଗୁଣବତ୍ତା ପରିଚାଳକ ଦୁଷ୍ମନ୍ତ କୁମାର ସୁତାର ଯୋଗ ଦେଇଥିଲେ।

# 'ଏକ ବିଂଶ ଶତାବ୍ଦୀର ରେବତୀ' ଲୋକାର୍ପିତ

**ପାରଳାଖେମୁଣ୍ଡି, ୧୯।୨ (ଡି.ଏନ୍.ଏ)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ଉତ୍କଳ ହିତୈଷିଣୀ ସମାଜ ସଭାଗୃହଠାରେ ଗାଳ୍ପିକ ନରସିଂହ ପଟ୍ଟନାୟକଙ୍କ ଗଳ୍ପ ସଂକଳନ 'ଏକ ବିଂଶ ଶତାବ୍ଦୀର ରେବତୀ' ଲୋକାର୍ପିତ ହୋଇଛି। ଉନ୍ମଚକ ତଥା ସଭାପତି ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଯୁଗ୍ମ ଅତିଥି ଭାବେ ପ୍ରାକ୍ତନ ଓଡିଶା ସାହିତ୍ୟ ଏକାଡେମୀ ସଭ୍ୟ ତଥା ମାଲକାନାଗିରିର ବୁଲୁ ହୋତା ଓଡିଶା ସାହିତ୍ୟ ଏକାଡେମୀ ଗଜପତି ଜିଲା ସଭ୍ୟ ବିଚିତ୍ରାନନ୍ଦ ବେବର୍ତ୍ତା, ସମୀକ୍ଷକ ଭାବେ ନବରଙ୍ଗପୁରର ଅଶୋକ ପଟ୍ଟନାୟକ ଏବଂ ପାରଳାଖେମୁଣ୍ଡି ମହିଳା ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ରୀନା ସାହୁ ପ୍ରମୁଖ ଯୋଗଦେଇ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଅଧାପିକା ଡ. କଲ୍ୟାଣୀ ମିଶ୍ର, ଆକାଶବାଣୀ ସଂଯୋଜିକା ଦେବୀରାଣୀ ନନ୍ଦ, ବ୍ରହ୍ମପୁରର କବି କପିଳଚନ୍ଦ୍ର ମହାନ୍ତି, ମୂରଲୀଧର ପରିଚ୍ଛା, ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା ପ୍ରମୁଖଙ୍କ ସହ ସହରର ବହୁ ବୁଦ୍ଧିଜୀବୀ ଏବଂ କବି କବୟିତ୍ରୀମାନେ ଉପସ୍ଥିତ ଥିଲେ।

# ଚୋରି ବାଇକ୍ ଜବତ, ୨ ଗିରଫ

**ପୋଲସରା,୧୯।୨(ଡି.ଏନ.ଏ.)**



ଗିରଫ ଅଭିଯୁକ୍ତ ସହ ଜବତ ବାଇକ୍

ପୋଲସରା ପୋଲିସ ରବିବାର ବାଇକ ଚୋରି ଘଟଣାରେ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପୋଲସରା ଥାନାଅଞ୍ଚଳ ମଥୁରାର ଉତ୍ତମ ନାହାକ ଓ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଦେଓଗାଁର ସୁକାନ୍ତ ନାହାକ। ସୂଚନାଯୋଗ୍ୟ, ପୋଲସରା ଥାନା ଅନ୍ତର୍ଗତ ଲୁଣିଘାଟି ପଡ଼ିଆଠାରେ ଚାଲିଥିବା ମାରଦା ମହୋତ୍ସବ ପଡ଼ିଆରୁ ଏକ ବାଇକ (ଓଆର୦୭କେ-୫୯୭୧) ଚୋରି ହୋଇଥିଲା। ବାଇକ ଚାଳକ ତୁଙ୍ଗାପଡାର ସୁଶାନ୍ତ ପୋଲେଇ ପୋଲସରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ସିସିଟିଭି ଯାଞ୍ଚ କରିଥିଲା। ରବିବାର ଉଭୟ ମାରଦା ଯାଉଥିବା ସମୟରେ ପୋଲିସ ତାଙ୍କୁ ଗିରଫ କରିବା ସହିତ ଚୋରି ବାଇକ ଜବତ କରିଥିଲା।

# ଦକ୍ଷିଣ ଓଡ଼ିଶା କଲେଜ ଶାରୀରିକ ଶିକ୍ଷକ ସଂଘର ବାର୍ଷିକ ସମ୍ମିଳନୀ

**ଦିଗପହଣ୍ଡି,୧୯।୨(ଡି.ଏନ.ଏ.)**



ସମ୍ମିଳନୀରେ ଉପସ୍ଥିତ ସଂଘର ସଦସ୍ୟବୃନ୍ଦ।

ଦିଗପହଣ୍ଡିସ୍ଥିତ ଖେମୁଣ୍ଡି କଲେଜ ପରିସରରେ ଦକ୍ଷିଣ ଓଡ଼ିଶା କଲେଜ ଶାରୀରିକ ଶିକ୍ଷକ ସଂଘର ବାର୍ଷିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇପାଇଛି। ସଂଘର ରାଜ୍ୟ ସଭାପତି ସଚିଦାନନ୍ଦ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଶାରୀରିକ ଶିକ୍ଷକ (ପିଇଟି)ମାନଙ୍କ ବିବିଧ ସମସ୍ୟା ଓ ଆଗାମୀ ଦିନରେ ସଂଘର କାର୍ଯ୍ୟପନ୍ଥା ସମ୍ପର୍କରେ ଉଦବୋଧନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଦକ୍ଷିଣ ଓଡ଼ିଶା ଶାରୀରିକ ଶିକ୍ଷକ ସଂଘର ସଭାପତି ମହାଦେବ ରଥ, କୋଷାଧ୍ୟକ୍ଷ କେ. ନାନବାବୁ ଦୋରା ସେବାନିବୃତ୍ତ ଶାରୀରିକ ଶିକ୍ଷକ ଜଗନ୍ନାଥ ରାଓ ଓ ଖେମୁଣ୍ଡି କଲେଜ ଶାରୀରିକ ଶିକ୍ଷକ ଏସ୍. ସୀତାରାମ ମୂର୍ତ୍ତି ଯୋଗଦେଇ ନିଜର ମତାମତ ଉପସ୍ଥାପନ କରିଥିଲେ। ବମକେଇ କଲେଜ ଶାରୀରିକ ଶିକ୍ଷକ ପ୍ରଦୀପ କୁମାର ପ୍ରଧାନ, ବାଲିପଡ଼ା କଲେଜ ଶାରୀରିକ ଶିକ୍ଷକ ତ୍ରିପତି ବିଷୋୟୀ, ସାମନ୍ତିଆପଲ୍ଲୀ କଲେଜ ଶାରୀରିକ ଶିକ୍ଷକ ସୁଧାକର ବିଷୋୟୀ, ରାମଗିରି କଲେଜ ଶାରୀରିକ ଶିକ୍ଷକ ମାଧବ ଖୁଣ୍ଟିଆ ପ୍ରମୁଖ ସମ୍ମିଳନୀରେ ଯୋଗଦେଇ ଆଗତ ପ୍ରସ୍ତାବ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଆସିକା କଲେଜଶାରୀରିକଶିକ୍ଷକସନ୍ତୋଷ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରାଥମିକ ବିଦ୍ୟାଳୟ ପୁନଃ ଖୋଲିବାକୁ ଦାବି

**ଶେରଗଡ଼, ୧୯।୨(ଡି.ଏନ୍.ଏ.)**

ଶେରଗଡ଼ ବ୍ଲକ କୃଷ୍ଣଛାଇ ପଞ୍ଚାୟତ କମଲାଦେଇପୁର ଗ୍ରାମରେ ୨୦ରୁ କମ୍ ପିଲା ଥିବା ଯୋଗୁଁ ବିଦ୍ୟାଳୟକୁ ଶିକ୍ଷା ବିଭାଗ ପକ୍ଷରୁ ବନ୍ଦକରି ଦିଆଯାଇ ନିକଟସ୍ଥ ବିବ୍ରହ୍ମପୁର ବିଦ୍ୟାଳୟରେ ମିଶାଇ ଦିଆଯାଇଥିଲା। ଶୁକ୍ରବାର ସରପଞ୍ଚଙ୍କ ସ୍ୱାମୀ ଶିବାଜୀ ବିଷୋୟୀଙ୍କ ସମେତ ବହୁ ଗ୍ରାମବାସୀ ବିଇଓ ପ୍ରମୋଦ କୁମାର ସେନାପତିଙ୍କୁ ଭେଟି ବିଦ୍ୟାଳୟ ପୁନଃ ଖୋଲିବାକୁ ଦାବିପତ୍ର ଦେଇଛନ୍ତି।

# ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ସମାରୋହ



ମଞ୍ଚାସୀନ ଅତିଥି।

**ସୋରଡ଼ା, ୧୯।୨ (ଡି.ଏନ୍.ଏ)**

ବଡ଼ଗଡ଼ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ପ୍ରକାଶ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସାଇଁ, ପରିଚାଳନା କମିଟି ସଭାପତି ହରିକୃଷ୍ଣ ରଥ, ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରସନ୍ନ କୁମାର ବେହେରା, ଶିକ୍ଷାବିକାଶ ସମିତିର କିରଣ କୁମାର ପାଢୀ, ସମ୍ପାଦକ ବିଜୟ କୁମାର ପ୍ରଧାନ ମଞ୍ଚାସୀନ ଥିଲେ। ପ୍ରଦୀପ ପ୍ରଜ୍ୱଳନ, ସ୍ୱାଗତ ସଙ୍ଗୀତ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରଯାଇଥିଲା।

# ଖୋଲାପଡ଼ିଆରେ ଗଦାହୋଇଛି ମଦ ବୋତଲ

**ପାରଳାଖେମୁଣ୍ଡି,୧୯।୨ (ଡି.ଏନ୍.ଏ)**

ଗଜପତି ଜିଲା ଗୋଷାଣି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଏକ ଖୋଲାପଡ଼ିଆରେ ବସ୍ତା ବସ୍ତା ଖାଲି ବିଦେଶୀ ମଦ ବୋତଲ ଗଦା ହୋଇଥିବା ଦେଖିବାକୁ ମିଳିଛି। ଏହି ଖାଲି ବୋତଲଗୁଡିକ କିଏ ଗଚ୍ଛିତ ରଖିଛି ଓ କେଉଁ ଉଦ୍ଦେଶ୍ୟରେ ରଖିଛି ଜଣାପଡ଼ିନାହିଁ। ତେବେ ଏପରି ବସ୍ତା ବସ୍ତା ଖାଲି ମଦ ବୋତଲ ଦେଖିଲେ ଜଣାପଡୁଛି ଏହି ଅଞ୍ଚଳ ଏବେ ନିଶାସକ୍ତଙ୍କ ଚରାଭୂଇଁ ପାଲଟିଗଲାଣି। ଗୋଷାଣି ଗ୍ରାମାଞ୍ଚଳରେ ଗୋଟିଏ ବି ବିଦେଶୀ ମଦ ଦୋକାନ ନାହିଁ। ଗ୍ରାମଠାରୁ ୬କିମି ଏବଂ ୪କିମି ଦୂରତାରେ ଦୁଇଟି ବିଦେଶୀ ମଦ ଦୋକାନ ରହିଛି। ହେଲେ ଏହି ଖୋଲା ପଡ଼ିଆରେ ଏତେସଂଖ୍ୟକ ବୋତଲ ପଡ଼ିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ନିଶାସକ୍ତ ଲୋକମାନେ ବାହାରୁ ମଦ କିଣି ଆଣି ଏହି ପଡ଼ିଆରେ ପିଇସାରିବା ପରେ ବୋତଲ ପକାଇ ଦେଇ ଚାଲିଯାଉଛନ୍ତି। ଏହି ଅଞ୍ଚଳଟି ନିର୍ଜନ ଓ ବନାଞ୍ଚଳ ହୋଇଥିବାରୁ ନିଶାସକ୍ତ ଲୋକମାନେ ମଦ୍ୟପାନ କରିବାକୁ ଏହି ପଡ଼ିଆକୁ ନିରାପଦ ମଣୁଛନ୍ତି। ତେଣୁ ଏଠାରେ ମଦ୍ୟପାନ କରିବା ପରେ ବୋତଲଗୁଡ଼ିକୁ ପକାଇ ଦେଉଛନ୍ତି। ସେହି ବୋତଲଗୁଡ଼ିକ ଅନ୍ୟ କେହି ବ୍ୟକ୍ତି ଏକାଠି କରି ରଖୁଥିବା ଅନୁମାନ କରାଯାଉଛି। ତେବେ ଏହି ବୋତଲଗୁଡିକୁ ଉକ୍ତ ଅଞ୍ଚଳରୁ ହଟାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



ବସ୍ତାରେ ବନ୍ଧାହୋଇ ରହିଥିବା ମଦ ବୋତଲ।

# ସ୍ୱାବଲମ୍ବୀ ହେବେ ଏସ୍‌ଏଚ୍‌ଜି

**ଫୁଲବାଣୀ ଅଫିସ, ୧୯।୨**



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ, ପ୍ରକଳ୍ପ ପ୍ରଶାସକଙ୍କ ସହ ଅନ୍ୟମାନେ।

### ଅଣ୍ଡାଦିଆ କୁକୁଡ଼ା ପାଳନ କେନ୍ଦ୍ର ଉଦ୍‌ଘାଟିତ

ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା(ଆଇଟିଡିଏ) ମିଶନ ଜୀବୀକା ଯୋଜନାରେ ଖଜୁରିପଡା ବ୍ଲକ ଜାମଝରିଠାରେ ରବିବାର ଅଣ୍ଡାଦିଆ କୁକୁଡା ପାଳନ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ୧୫୦୦ କ୍ଷମତା ବିଶିଷ୍ଟ ଏହି କୁକୁଡା ପାଳନ କେନ୍ଦ୍ରର ପରିଚାଳନା ଦାୟିତ୍ୱ ଡୋକ୍ରା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ଦିଆଯାଇଛି। ୩ ସପ୍ତାହ ପରେ ଏଠାରୁ ଅଣ୍ଡା ଉତ୍ପାଦନ ହେବ। ଏହି କେନ୍ଦ୍ରରୁ ଦିନକୁ ୧୨୦୦ରୁ ୧୪୦୦ ଅଣ୍ଡା ଉତ୍ପାଦନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଉତ୍ପାଦିତ ଅଣ୍ଡା ଜିଲାରେ ଥିବା ଆଶ୍ରମ ବିଦ୍ୟାଳୟ, ଅଙ୍ଗନୱାଡିକୁ ଦିଆଯିବ। ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ନରେଶ ଚନ୍ଦ୍ର ଶବରଙ୍କ ଉଦ୍ୟମରେ ଏହି କେନ୍ଦ୍ର ଖୁବ୍ କମ ସମୟ ମଧ୍ୟରେ ହୋଇପାରିଛି। ଆଗାମୀ ଦିନରେ ଆହୁରି ଏଭଳି ପ୍ରକଳ୍ପ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା ଏସ୍‌ଏଚଜି ସଭ୍ୟାମାନେ ସେମାନଙ୍କ ଆର୍ଥିକ ବିକାଶ କରି ପାରିବେ ବୋଲି ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଶବର ପ୍ରକାଶ କରିଛନ୍ତି। ଜିଲା ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ସମସ୍ତ ବୈଷୟିକ ଜ୍ଞାନ କୌଶଳ ଯୋଗାଇ ଦିଆଯିବ ବୋଲି ପ୍ରାଣୀ ଚିକିତ୍ସକ ଅଳକା ପଟ୍ଟନାୟକ ଓ ସନ୍ତୋଷ ପଟ୍ଟନାୟକ କହିଥିଲେ। ଦୃତିପଡା ସରପଞ୍ଚ ଜାନକୀ ଯାନୀ, ଖଜୁରିପଡା ମିଶନ ଶକ୍ତି ସଂଯୋଜକ କଲ୍ୟାଣୀ ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ଆଇଟିଡିଏ ଜୀବିକା ବିଶେଷଜ୍ଞ ବୈଦ୍ୟନାଥ ଖଟୁଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

